
୬ ▶ ସଚିନ, ଦ୍ରାବିଡ଼ ଓ ଗାଙ୍ଗୁଲିଙ୍କୁ ଆଣିବାକୁ ବିସିସିଆଇକୁ ପରାମର୍ଶ ଦେଲେ ସୁନୀଲ ଗାଭାସ୍କର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୨୭ ● ୧୬ ସେପ୍ଟେମ୍ବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-227 ● 16th September 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ଓଡ଼ିଶାରେ ଆଉ ଏକ ସେମିକଣ୍ଡକ୍ଟର ପ୍ରକଳ୍ପ

# ଇନଫୋଭ୍ୟାଲି-୨ରେ ସିକସେମ୍ ନିବେଶ କରିବ ୩୪୦୬ କୋଟି

**ଭୁବନେଶ୍ୱର, ୧୫।୯**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ଆଉ ଏକ ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ହେବାନେଇ ସୂଚନା ମିଳିଛି। ଭାରତର ସେମିକଣ୍ଡକ୍ଟର ତଥା ହାଇଟେକ୍ ଉଦ୍ୟୋଗ ମାନଚିତ୍ରରେ ଓଡ଼ିଶା ଏକ ପ୍ରମୁଖ ଶକ୍ତି ଭାବେ ଉଭା ହେବାକୁ ଯାଉଛି। ରାଜ୍ୟରେ ଦ୍ୱିତୀୟ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ମଞ୍ଜୁରୀ ମିଳିଛି। ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଜଟଣୀ ତହସିଲ ଅନ୍ତର୍ଗତ ଅରିସୋଲ ମୌଜାସ୍ଥିତ ଇଡ଼କୋ ଇନଫୋଭ୍ୟାଲି-୨ରେ ଏହି ସେମିକଣ୍ଡକ୍ଟର କାରଖାନା ସ୍ଥାପନ ହେବ। ପୂର୍ବ ଭାରତର ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳଗୁଡ଼ିକର ପରିଚାଳନା ଦାୟିତ୍ୱରେ ଥିବା ଫାଲତା ଏସଇଜେଡ (ଏଫଏସଇଜେଡ) କ୍ଷେତ୍ରାଧିକାର ଅଧୀନରେ କୋଲକାତାଠାରେ ଅନୁଷ୍ଠିତ ୟୁନିଟ୍ ଆପ୍ରୁଭାଲ କମିଟିର ୨୧୭ତମ ବୈଠକରେ ମେସର୍ସ ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏହି ପ୍ରସ୍ତାବକୁ ବିଧିବଦ୍ଧ



ଅନୁମୋଦନ ମିଳିଛି।

ଏହି ବୃହତ ପ୍ରକଳ୍ପ ଜରିଆରେ କମ୍ପାନୀ ପ୍ରାୟ ୩୪୦୬.୨୫ କୋଟି ଟଙ୍କା ପୁଞ୍ଜିନିବେଶ କରିବ। ଇନଫୋଭ୍ୟାଲି-୨ର ଅରିସୋଲ ମୌଜାର ପ୍ରାୟ ୨୧.୮୯ ଏକର ଜମିରେ ଏହି ଅତ୍ୟାଧୁନିକ କାରଖାନା ସ୍ଥାପନ କରାଯିବ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୨୭୦ ଜଣ କୁଶଳୀ ତଥା ବୈଷୟିକ ବ୍ୟକ୍ତିଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ସମ୍ଭାବନା ସୃଷ୍ଟି କରିବ। ଏହି କାରଖାନାରେ ମୁଖ୍ୟତଃ ସିଲିକନ୍ କାର୍ବାଇଡ୍ (ଏସଆଇସି) ଆଧାରିତ ସେମିକଣ୍ଡକ୍ଟର ଉପକରଣ ପ୍ରସ୍ତୁତ କରାଯିବ, ଯେଉଁଥିରେ ସିକ୍ ଡାୟୋଡ୍ ଓ ସିକ୍ ମସଫେଟ୍ ସାମିଲ ରହିଛି। ବାର୍ଷିକ ୪.୮ ନିୟୁତ(୪୮ଲକ୍ଷ) ସିକ୍ ଡାୟୋଡ୍ ଓ ୯୧.୨ ନିୟୁତ(୯.୧୨କୋଟି) ସିକ୍ ମସଫେଟ୍ ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଉଚ୍ଚ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସହ ବିଶ୍ୱବଜାରକୁ ରପ୍ତାନୀ କରିବାରେ ଏହି ପ୍ଲାଣ୍ଟ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ରପ୍ତାନୀଭିତ୍ତିକ ହୋଇଥିବାରୁ ଆଗାମୀ ୫ବର୍ଷ ମଧ୍ୟରେ ୭୦୪୩କୋଟି ଟଙ୍କାର ରପ୍ତାନୀ କାରବାର କରିବା ସହ ପ୍ରାୟ ୪୫୨୩କୋଟି ଟଙ୍କାର ନିଟ୍ ବୈଦେଶିକ ମୁଦ୍ରା ଉପାର୍ଜନର ଆକଳନ କରାଯାଉଛି। ଫାଲତା ଏସଇଜେଡର ନିୟାମକ ବ୍ୟବସ୍ଥା ମାଧ୍ୟମରେ ସ୍ଥାପିତ ହେଉଥିବା ଏହି ବୃହତ ପ୍ରକଳ୍ପ ଦେଶର ଘରୋଇ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ସୁଦୃଢ଼ କରିବା ସହ ବିଶ୍ୱ ବଜାରରେ ଓଡ଼ିଶାକୁ ଏକ ଅଗ୍ରଣୀ ହାଇଟେକ୍ ଉତ୍ପାଦନ କେନ୍ଦ୍ର ଭାବେ ସ୍ଥାନିତ କରିବ ବୋଲି ଜଣାପଡ଼ିଛି।

## ॥ ଧୂମଧାମ୍‌ରେ ପାଳିତ ହେଲା ନୂଆଁଖାଇ ॥

# ମା' ସମଲେଶ୍ୱରୀଙ୍କଠାରେ ଲାଗିହେଲା ନବାନ୍ନ

**ସମ୍ବଲପୁର, ୧୫।୯**
**ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଧୂମ୍‌ଧାମ୍‌ରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଛି। ନୂଆଁଖାଇ ଅବସରରେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଠାରେ ନିର୍ଦ୍ଧାରିତ ଶୁଭ ଲଗ୍ନରେ ଲାଗି ହୋଇଛି ନବାନ୍ନ। ଏହା ପରେ ଘରେ ଘରେ ନୂଆଁ ଖାଇଛନ୍ତି ପଶ୍ଚିମ ଓଡ଼ିଶାବାସୀ।

କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଇଁ ସମ୍ବଲପୁରରେ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୂର୍ବ ନିର୍ଦ୍ଧାରିତ ଶୁଭଲଗ୍ନ ଅନୁସାରେ ସକାଳ ୯ଟା ୪୦ରୁ ୯ଟା ୫୪ ମଧ୍ୟରେ ମା'ଙ୍କ ନିକଟରେ ନବାନ୍ନ ଅର୍ପଣ କରାଯାଇଥିଲା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଦିନ କୃଷି ସହ ଜଡ଼ିତ ଗୋଷ୍ଠୀ ଉତ୍ସବ 'ନୂଆଁଖାଇ' ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନୂଆଁଖାଇରେ ଲେଖିଛନ୍ତି, 'କୃଷି ସହ ଜଡ଼ିତ



### ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଗୋଷ୍ଠୀ ଉତ୍ସବ ନୂଆଁଖାଇ ଅବସରରେ ମୁଁ ମୋ ଦେଶର ଜନସାଧାରଣ ଏବଂ ଓଡ଼ିଶାର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ମୁଁ ବିଶ୍ୱାସ କରେ ଯେ ଏହି ପର୍ବ ପାରସ୍ପରିକ ସୌହାର୍ଦ୍ଦ୍ୟ ଏବଂ ଭାଇଚାରାକୁ ଆହୁରି ମଜଭୁତ କରିବ। ଏହି ଅବସରରେ ମୁଁ ସମସ୍ତଙ୍କ ସୁଖ, ଶାନ୍ତି ଏବଂ ସମୃଦ୍ଧି କାମନା କରୁଛି'।

ଉଲ୍ଲେଖନୀୟ କଥା ହେଉଛି, ନୂଆଁଖାଇ ହେଉଛି ଏକ ପ୍ରମୁଖ କୃଷି ଏବଂ ଗଣ ଉତ୍ସବ ଯାହା ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର କିଛି ଅଂଶରେ ନୂତନ ଫସଲ (ବିଶେଷ କରି ନୂତନ ଚାଉଳ)କୁ ସ୍ୱାଗତ କରିବା ଏବଂ ଭଗବାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ପାଳନ କରାଯାଏ।

ନୂଆଁଖାଇ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟବାସୀଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇଛନ୍ତି। ଏହି (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ରାଜୌରୀରେ ଏଲଇଟି ମଡ୍ୟୁଲର ପର୍ଦ୍ଦାଫାଶ, ୩ ଓଜିଡବ୍ଲ୍ୟୁ ଗିରଫ, ଆଇଇଡି ଜବତ।
- ଚୀନର ହେଇନାନ ପ୍ରଦେଶରେ ପ୍ରବଳ ବର୍ଷା। ଯୋଗୁଁ ୫୫ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର।
- ନେପାଳରେ ୧୧ ଦିନ ପରେ ସୁରକ୍ଷିତ ଭାବେ ମିଳିଲା ୧୫ ମାସର ନିଖୋଜ ଶିଶୁ, ଅପହରଣ ଅଭିଯୋଗରେ ମହିଳା ଗିରଫ।
- ସରକାର ୟୁପିଆଇ ଉପରେ ଶୁଳ୍କ ଆଦାୟ ପାଇଁ ପଥ ପ୍ରଶସ୍ତ କରିଥିବା ଅଭିଯୋଗ କଲେ ରାହୁଲ ଗାନ୍ଧୀ।
- ରୁଷିଆକୁ ପୁଣି ସମର୍ଥନ ଜଣାଇଲା ଉତ୍ତର କୋରିଆ।
- ବେଲୁଚିସ୍ତାନରେ ଆତଙ୍କବାଦୀଙ୍କୁ ବଡ଼ ଝଟ୍‌କା, ଅପରେସନରେ ଛଅ ମୃତ।
- ଗଣେଶ ଚତୁର୍ଥୀରେ ରକ୍ତପାତ, ଚେନ୍ନାଇରେ ଯୁବକଙ୍କ ହତ୍ୟା ଏବଂ ଡିଣ୍ଡିଗୁଲରେ କୃଷକଙ୍କୁ ହତ୍ୟା।
- ଇରାନ ଉପରେ ଆମେରିକାର ଆକ୍ରମଣକୁ ଏସ୍‌ସିଓ ଆରଏଟିଏସର ନିନ୍ଦା, ସାମରିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ।

# ଇଣ୍ଡୋନେସିଆରେ ଜାହାଜ ବୁଡ଼ି : ୬ ମୃତ, ୧୩୦ ନିଖୋଜ

**ଜାକର୍ତ୍ତା, ୧୫।୯**

ଇଣ୍ଡୋନେସିଆର ଜାଭା ସାଗରରେ 'ଭର୍ଜିଓ ଟ୍ରାନ୍ସପୋର୍ଟ ୮' ନାମକ ଜାହାଜ ବୁଡ଼ିଯିବାରୁ ଅତି କମ୍‌ରେ ଛଅ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩୦ ଜଣ ନିଖୋଜ ଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ବ୍ୟାପକ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅଧିକାରୀଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ୧୦୭ ଜଣଙ୍କୁ ଉଦ୍ଧାର କରାଯାଇଛି। ଇଣ୍ଡୋନେସିଆର ସନ୍ଧାନ ଏବଂ ଉଦ୍ଧାର ଏଜେନ୍ସି ବସର୍ନାସକୁ ଉଦ୍ଧୃତ କରି କୁହାଯାଇଛି ଯେ ଜାହାଜରେ ମୋଟ ୨୪୩ ଜଣ ଲୋକ ଥିଲେ, ଯେଉଁଥିରେ ୨୧ ଯାତ୍ରୀ ଏବଂ ୩୦ ଜଣ କ୍ରୁ ସଦସ୍ୟ ଥିଲେ। ଜାହାଜଟି ଶନିବାର ଦିନ ଜାଭା ଦ୍ୱୀପପୁଞ୍ଜର ସୁରବାୟାରୁ ବାହାରିଥିଲା ଏବଂ ବୋର୍ଣ୍ଣିଓ ଦ୍ୱୀପପୁଞ୍ଜର ବନ୍ଦର ସହର ବଞ୍ଜରମାସିନ ଅଭିମୁଖେ ଯାତ୍ରା କରୁଥିଲା। ଜାହାଜ ଏହାର ପରିଚାଳକଙ୍କ ସହ ଯୋଗାଯୋଗ ହରାଇଥିଲା। ଏହାପରେ କର୍ତ୍ତୃପକ୍ଷ ତୁରନ୍ତ ଖୋଜାଖୋଜି ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଇଣ୍ଡୋନେସିଆର ପରିବହନ ମନ୍ତ୍ରଣାଳୟ ମଧ୍ୟ ନିଶ୍ଚିତ କରିଛି ଯେ ଜାହାଜଟି ଓଲଟି ପଡ଼ିଛି। ବଞ୍ଜରମାସିନରେ ସ୍ଥାନୀୟ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟାଳୟର ମୁଖ୍ୟ ଆଇ ପୁଟୁ ସୁଦାୟନଙ୍କ ଅନୁଯାୟୀ, ଦୁର୍ଘଟଣା ସମୟରେ ଜାହାଜଟି ଖରାପ ପାଗର ସମ୍ମୁଖୀନ ହୋଇଥିଲା। ଫେରିର ଶେଷ ଜ୍ଞାତ ସ୍ଥିତି ଜାଭା ସାଗରରେ ବଞ୍ଜରମାସିନଠାରୁ ପ୍ରାୟ ୮୧ ନଟିକାଲ ମାଇଲ (୧୫୦ କିଲୋମିଟର) ଦୂରରେ ଥିବା ସୂଚନା ଦିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଜାହାଜ ସହିତ ହେଲିକପ୍ଟର ମଧ୍ୟ ନିୟୋଜିତ କରାଯାଇଛି। ତେବେ, ସମୁଦ୍ରରେ ପ୍ରାୟ ୨.୫ ମିଟରର ତରଙ୍ଗ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ଏକ ପ୍ରମୁଖ ପ୍ରତିବନ୍ଧକ ସୃଷ୍ଟି କରୁଛି। ଅଧିକାରୀମାନେ ମଧ୍ୟ ସମୁଦ୍ର ଅବସ୍ଥାକୁ ଉଦ୍ଧାରକାରୀ ଜାହାଜ ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ବର୍ଣ୍ଣନା କରିଛନ୍ତି। ଜାହାଜ ବୁଡ଼ିଯିବାର ସଠିକ୍ କାରଣ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାନ୍ତି। ଏହି ମାମଲାର ତଦନ୍ତ କରାଯାଉଛି। ଖରାପ ପାଗ ସହିତ ସମ୍ଭାବ୍ୟ ବୈଷୟିକ ତ୍ରୁଟି ସମେତ ଅନ୍ୟାନ୍ୟ ଦିଗ ମଧ୍ୟ ଅନୁସନ୍ଧାନରେ ଅନ୍ତର୍ଭୁକ୍ତ କରାଯାଇଛି। ଇଣ୍ଡୋନେସିଆରେ ସାମୁଦ୍ରିକ ପରିବହନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ୧୭ ହଜାର ଦ୍ୱୀପ ଥିବା ଏହି ଦେଶରେ, ବହୁ ସଂଖ୍ୟକ ଲୋକ ଗୋଟିଏ ଦ୍ୱୀପରୁ ଅନ୍ୟ ଦ୍ୱୀପକୁ ଯିବା ପାଇଁ ଫେରୀ ଉପରେ ନିର୍ଭର କରନ୍ତି। ବିମାନ ଯାତ୍ରା ତୁଳନାରେ ସମୁଦ୍ର ପରିବହନ ଅପେକ୍ଷାକୃତ ଶସ୍ତା ଏବଂ ସହଜରେ ଉପଲବ୍ଧ ହୋଇଥିବାରୁ ଏଠାରେ ଫେରୀ ବହୁଳ ଭାବରେ ବ୍ୟବହୃତ ହୁଏ। ଗତ କିଛି ମାସ ମଧ୍ୟରେ ଇଣ୍ଡୋନେସିଆରେ ଅନେକ ସାମୁଦ୍ରିକ ଦୁର୍ଘଟଣା ମଧ୍ୟ ରିପୋର୍ଟ ହୋଇଛି।

# ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡରେ ଦାରା ସିଂଙ୍କ ଆବେଦନ ଖାରଜ



**ନୂଆଦିଲ୍ଲୀ, ୧୫।୯**

ଏବେ ଆଉ ସହଜରେ ଜେଲ୍‌ରୁ ମୁକୁଳି ପାରିବେନି ଦାରା ସିଂ। ଆଗୁଆ ମୁକ୍ତି ପାଇଁ ହୋଇଥିବା ଆବେଦନକୁ ଓଡ଼ିଶା ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ (ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ) ଖାରଜ କରିଛନ୍ତି। ୧୯୯୯ ମସିହାରେ ଘଟିଥିବା ଗ୍ରାହାମ୍ ଷ୍ଟେନ୍ସ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲଙ୍କ ଆଗୁଆ ମୁକ୍ତି ଆବେଦନକୁ ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଖାରଜ କରିଦେଇଛନ୍ତି।

ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବୈଠକର ନିଷ୍ପତ୍ତି ନେଇ ରାଜ୍ୟ ଗୃହ ବିଭାଗକୁ ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଅବଗତ କରିଛି। ଏହି ନିଷ୍ପତ୍ତି ଦ୍ୱାରା ଜେଲ୍‌ରୁ ଦାରା ସିଂଙ୍କ ମୁକ୍ତି ଆଶା କ୍ଷୀଣ ହୋଇଛି।

ସୂଚନାଯୋଗ୍ୟ ଯେ, ୧୯୯୯ ମସିହାର ବହୁଚର୍ଚ୍ଚିତ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ପୋଡ଼ି ହତ୍ୟା କରିବାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଦାରା ସିଂ। ପ୍ରଥମେ ତାଙ୍କୁ ଟ୍ରାଏଲ କୋର୍ଟରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ହାଇକୋର୍ଟ ଏହାକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ଦାରା ସିଂ ଦୀର୍ଘ ୨୬ ବର୍ଷରୁ ଅଧିକ ସମୟ ଜେଲରେ କାଟି ସାରିଛନ୍ତି। ନିଜ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଦାରା (ପୃଷ୍ଠା ୭ରେ)

# ଅକ୍ଟୋବରରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ !



**ଭୁବନେଶ୍ୱର, ୧୫।୯**
**ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଅକ୍ଟୋବର ମାସରେ କଂଗେସ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। ପିସିସି ସଭାପତି ଭକ୍ତଚରଣ ଦାଶ ମଙ୍ଗଳବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଓଡ଼ିଶାରେ (ପୃଷ୍ଠା ୭ରେ)

# ହୁତି ଆତଙ୍କବାଦୀ ଦ୍ୱାରା ଲୋହିତ ସାଗର ଦ୍ୱୀପ ଦଖଲ

**କାଏରୋ, ୧୫।୯**

ଇରାନ ସମର୍ଥିତ ହୁତି ଆତଙ୍କବାଦୀମାନେ ଦକ୍ଷିଣ ଲୋହିତ ସାଗରରେ ଅଧିକ ରଣନୈତିକ ଦ୍ୱୀପଗୁଡ଼ିକୁ କବ୍‌ଜା କରିଛନ୍ତି ବୋଲି ସରକାରୀ ଏବଂ ହୁତି ଅଧିକାରୀମାନେ ଦାବି କରିଛନ୍ତି। ଏହାଦ୍ୱାରା ଏକ ପ୍ରମୁଖ ସାମୁଦ୍ରିକ ଜାହାଜ ଚଳାଚଳପଥ ଉପରେ ସେମାନଙ୍କର ନିୟନ୍ତ୍ରଣ ଆହୁରି ମଜଭୁତ ହୋଇଛି। ବାବ୍-ଏଲ୍-ମାଣ୍ଡେବ ପ୍ରଣାଳୀ ନିକଟରେ ଆତଙ୍କବାଦୀମାନେ ଦ୍ରୁତ ବେଗରେ ଆଗେଇ ଚାଲିଥିବାବେଳେ ବୃହତ୍ ଏବଂ କ୍ଷୁଦ୍ର ହାନିସ ଦ୍ୱୀପକୁ ଦଖଲ କରିଛନ୍ତି ଯାହା ସାଉଦିର ତେଲ ପରିବହନ ପାଇଁ ଏକ ପ୍ରମୁଖ ଜଳପଥ ଏବଂ ହର୍ମୁଜ ପ୍ରଣାଳୀର ବିକଳ୍ପ ଭାବେ କାର୍ଯ୍ୟ କରିଥାଏ। ଗତ ଏକ ମାସରୁ ଅଧିକ ସମୟ ଧରି ହୁତି ଆତଙ୍କବାଦୀମାନେ



ଲୋହିତ ସାଗରରେ ସାଉଦିର ତେଲ ଇନଫ୍ରାଷ୍ଟ୍ରକଚର ଏବଂ ଜାହାଜ ଚଳାଚଳ ଉପରେ ଆକ୍ରମଣ ଜାରି ରଖିଛନ୍ତି, ଯାହା ବିଶ୍ୱ ବଜାରରେ ତେଲ ଦର ଉପରେ ଚାପ ବୃଦ୍ଧି କରୁଛି ଏବଂ ଆମେରିକା ସହିତ ଚାଲିଥିବା ଯୁଦ୍ଧରେ ଇରାନର ଆଧିପତ୍ୟକୁ ବୃଦ୍ଧି କରୁଛି।

୧୬୦ କିଲୋମିଟର ଉତ୍ତରରେ ଥିବା ହାନିସ ଦ୍ୱୀପପୁଞ୍ଜରେ ଶହ ଶହ ସରକାରୀ ସମର୍ଥିତ ସେନା ପ୍ରତ୍ୟାହାର (ପୃଷ୍ଠା ୭ରେ)

# ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳଙ୍କୁ ସମ୍ମାନଜନକ 'ନାସି' ଫେଲୋ

**ଭୁବନେଶ୍ୱର, ୧୫।୯**
**ନ୍ୟୁଜ୍‌ବ୍ୟୁରୋ**

ବିଜ୍ଞାନ ଗବେଷଣା କ୍ଷେତ୍ରରେ ଏକ ବଡ଼ ସଫଳତା ଯୋଡ଼ିହୋଇଛି। ଓଡ଼ିଶାରେ ରହି ଗବେଷଣା କରୁଥିବା କୌଣସି ରସାୟନ ବିଜ୍ଞାନୀ ୩୫ ବର୍ଷ ପରେ ଏହି ଜାତୀୟ ସ୍ତରର ସମ୍ମାନ ହାସଲ କରିଛନ୍ତି। ଭୁବନେଶ୍ୱର ସ୍ଥିତ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ' (ନାଇଜର)ର ରସାୟନ ବିଜ୍ଞାନ ସଂସ୍ଥାନର ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳ ଦେଶର ଅଗ୍ରଣୀ ବିଜ୍ଞାନ ଅନୁଷ୍ଠାନ 'ନ୍ୟାସନାଲ ଏକାଡେମୀ ଅଫ୍ ସାଇନସେସ୍, ଇଣ୍ଡିଆ'(ନାସି)ର 'ଫେଲୋ' ଭାବେ ନିର୍ବାଚିତ ହୋଇଛନ୍ତି।

ଏହି ସମ୍ମାନଜନକ (ପୃଷ୍ଠା ୭ରେ)

# ପାନାମା ଏବଂ ଆମେରିକାକୁ ଚୀନ୍‌ର କଡ଼ା ଚେତାବନୀ

**ବେଜିଂ, ୧୫।୯**

ତାଇୱାନ ଅଧିକାରୀ ଏବଂ ଚୀନ୍ ସହିତ ରାଜନୈତିକ ସମ୍ବନ୍ଧ ନ ଥିବା ଦେଶମାନଙ୍କ ମଧ୍ୟରେ ଯେକୌଣସି ସରକାରୀ ଯୋଗାଯୋଗକୁ ଚୀନ୍ କଡ଼ା ବିରୋଧ କରିଛି। ଚୀନ୍ କହିଛି ଯେ ଏହା କୌଣସି ବାହ୍ୟ ଶକ୍ତିକୁ ଏହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଦେବ ନାହିଁ। ଚୀନ୍‌ର ସରକାରୀ ରିପୋର୍ଟ ଅନୁଯାୟୀ, ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୁଓ ଜିଆକୁନ୍ ଏକ ନିୟମିତ ପ୍ରେସ୍ ବ୍ରିଫିଂ ସମୟରେ ଏହି ବିବୃତ୍ତି ଦେଇଛନ୍ତି। ସେ ଏକ ଗଣମାଧ୍ୟମ ରିପୋର୍ଟର ଉତ୍ତରରେ ଦର୍ଶାଇଛନ୍ତି ଯେ କିଛି ପାନାମା ସାଂସଦ ସମ୍ପ୍ରତି 'ପାନାମା-ତାଇୱାନ୍ ସଂସଦୀୟ ବିନିମୟ ଗୋଷ୍ଠୀ' ଗଠନ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୁଓ ଜିଆକୁନ୍ ଏକ ନିୟମିତ ପ୍ରେସ୍ ବ୍ରିଫିଂ ସମୟରେ ଏହି ବିବୃତ୍ତି ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ଆମେରିକୀୟ ଆଇନ ପ୍ରଣୟନକାରୀମାନେ ଭିଡିଓ ଲିଙ୍କ୍ ମାଧ୍ୟମରେ ଗୋଷ୍ଠୀର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ତଥାପି, ପାନାମା ରାଷ୍ଟ୍ରପତି ଜୋସେ ରାଉଲ୍ ମୁଲିନୋ କହିଛନ୍ତି ଯେ ଦେଶର ବୈଦେଶିକ ନୀତି ଏବଂ ବୈଦେଶିକ ସମ୍ପର୍କ କାର୍ଯ୍ୟନିର୍ବାହୀ ଶାଖା, ଅର୍ଥାତ୍ ସରକାର ଦ୍ୱାରା ନିର୍ଣ୍ଣୟ କରାଯାଏ। ସେ ସ୍ପଷ୍ଟ କରିଛନ୍ତି ଯେ ତାଇୱାନ ସହିତ ଆଇନ ପ୍ରଣୟନକାରୀଙ୍କ ସମ୍ପର୍କ ପାନାମା ସରକାରଙ୍କ ସମର୍ଥନକୁ ସୂଚିତ କରେ ନାହିଁ। ଗୁଓ ଜିଆକୁନ୍ କହିଥିଲେ ଯେ ବିଶ୍ୱରେ କେବଳ ଗୋଟିଏ ଚୀନ୍ ଅଛି ଏବଂ ତାଇୱାନ୍ ହେଉଛି ଚୀନ୍ ଭୂଖଣ୍ଡର ଏକ ଅବିଚ୍ଛେଦ୍ୟ ଅଂଶ। ସେ କିଛି ରାଜନେତାଙ୍କୁ ତାଇୱାନ୍ ପ୍ରସଙ୍ଗର ବାସ୍ତବତାକୁ ବୁଝିବାକୁ ଅନୁରୋଧ କରିଥିଲେ, ଚେତାବନୀ ଦେଇଥିଲେ ଯେ ଏହି ପ୍ରସଙ୍ଗରେ 'ସୀମା ପାର କରିବା' ଗମ୍ଭୀର ପରିଣାମ ଆଣିପାରେ। ଚୀନ୍ ମୁଖପାତ୍ର ତଥାକଥିତ ସଂସଦୀୟ ବିନିମୟ ଗୋଷ୍ଠୀ ଗଠନକୁ 'ଏକ-ଚୀନ୍' ନୀତିର ଏକ ଗମ୍ଭୀର ଉଲ୍ଲଂଘନ ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ଚୀନ୍ ପାନାମା ସରକାରଙ୍କ ବିବୃତ୍ତିକୁ ଧ୍ୟାନ ଦେଇଛି ଏବଂ ଆଶା କରୁଛି ଯେ ପାନାମା ଚୀନ୍-ପାନାମା ସମ୍ପର୍କର ରାଜନୈତିକ ଭିତ୍ତିଭୂମି ବଜାୟ ରଖିବା ଏବଂ 'ଏକ-ଚୀନ୍' ନୀତି ପ୍ରତି ଏହାର ପ୍ରତିବଦ୍ଧତାକୁ ସମ୍ମାନ କରିବା ପାଇଁ ଦୃଢ଼ ପଦକ୍ଷେପ ନେବ।

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୫,୩୧୭ (-୯୨) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୦୪୦ (-୮୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୪୮୮ (-୬୯) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୦)

## ଏକାଳ ପଖାଳ



ଏକାନେ ପୂରେଇ ସେକାନେ ବାହାର
କିଏ ସେ ଶୁଣୁଛି ଆଉ
ନିଜ ଲୋକଗୁଡ଼ା କୁହନ୍ତି କହିବେ
ହେଉଥାନ୍ତୁ ରାଉ ରାଉ
ଦେଲେ ସେ କଥାକୁ ଭାଉ
ସେକେଣ୍ଡ ଥାର୍ଡ଼ ଛାଡ଼ିବେନି ଜମା
ଯେ ଯାହା କହୁଛି କହୁ !!

# ଦ୍ରୁତଗତିରେ ତରଳୁଛି ହିମାଳୟର ବରଫ : ବିପଦରେ ଭାରତ



**ହଂକଂ, ୧୫।୯**

ବିଶ୍ୱର ସର୍ବୋଚ୍ଚ ପର୍ବତମାଳା ହିମାଳୟ ଏବେ ଏକ ବଡ଼ ପରିବେଶ ସଙ୍କଟ ଆଡ଼କୁ ଗତିକରୁଛି। ଚଳିତ ମାସରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ଅନୁଯାୟୀ, ଗତ ଦଶନ୍ଧି ତୁଳନାରେ ଏବେ ହିମାଳୟର ଗ୍ଲେସିୟର ବା ବରଫପାହାଡ଼ ଅତି ଦ୍ରୁତଗତିରେ ତରଳିବାରେ ଲାଗିଛି। ଏହି କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ଏହି ଅଞ୍ଚଳ 'ପିକ୍ ୱାଟର' (ନଦୀ ଜଳ ପ୍ରବାହ ସର୍ବୋଚ୍ଚ ସ୍ତରରେ ପହଞ୍ଚି ହ୍ରାସ ପାଇବା) ସ୍ଥିତିକୁ ଛୁଇଁବ, ଯାହା ଜଳ ସୁରକ୍ଷା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟିକରିବ। ଏହା ଦ୍ୱାରା ବହୁ କୋଟି ଲୋକଙ୍କ ଜୀବିକା ବିପନ୍ନହେବାକୁ ଯାଉଛି। ନିକଟରେ ନେପାଳ-ତିବ୍ବତ ସୀମାରେ ଏକ ବଡ଼ ଗ୍ଲେସିୟର ଭୁଶୁଡ଼ିବା ଯୋଗୁ ନିମ୍ନ ଉପତ୍ୟକା ଗୁଡ଼ିକରେ ଭୟଙ୍କର ଭୂସ୍ଖଳନ ଏବଂ ଆକସ୍ମିକ ବନ୍ୟା ଦେଖାଯାଇଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟରେ ନେପାଳ ଏବଂ ଚାଇନାର ତିବ୍ବତ ଅଞ୍ଚଳରେ ଅତିକମ୍‌ରେ ୧୩୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫୩୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଗ୍ଲେସିୟର ପଛକୁ ହଟିବା ଦ୍ୱାରା ପାହାଡ଼ ଉପରେ କେବଳ ଅସ୍ଥିର ପଥର ଓ ବରଫ ଆବୃତ୍ତ ହ୍ରଦଗୁଡ଼ିକ ରହିଯାଉଛି, ଯାହା ତଳେ ରହୁଥିବା ଲୋକଙ୍କ ପାଇଁ (ପୃଷ୍ଠା ୭ରେ)

# ପ୍ରବଳ ବର୍ଷା ସମ୍ଭାବନା : ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର, ୧୫।୯**
**ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଉପକୂଳ ଜିଲ୍ଲା ସମେତ ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରବଳ ବର୍ଷା ସମ୍ଭାବନା ନେଇ ଆଗାମୀ ୨୪ ଘଣ୍ଟା ପାଇଁ ୨ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡ଼ିକରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ଭୀଷଣ ବର୍ଷା ସମ୍ଭାବନା ନେଇ ୧୮ ତାରିଖ ସକାଳ ଠାରୁ ୧୯ ତାରିଖ ସକାଳ ପର୍ଯ୍ୟନ୍ତ ୪ ଜିଲ୍ଲା, ୧୯ ତାରିଖ ସକାଳ ଠାରୁ ୨୦ ତାରିଖ ସକାଳ



ପର୍ଯ୍ୟନ୍ତ ୬ ଜିଲ୍ଲା, ୨୦ ତାରିଖ ସକାଳ ଠାରୁ ୨୧ ତାରିଖ ସକାଳ ପର୍ଯ୍ୟନ୍ତ ୪ ଜିଲ୍ଲା ଏବଂ ୨୧ ତାରିଖ ସକାଳ ଠାରୁ ୨୨ ତାରିଖ ସକାଳ ପର୍ଯ୍ୟନ୍ତ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି। ବର୍ଷା ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ମଧ୍ୟ ସମ୍ଭାବନା ରହିଛି।

# ରାଉରକେଲା ବାୟୁ ପ୍ରଦୂଷଣ ରୋକିବା ପାଇଁ ସମସ୍ତଙ୍କ ସହଯୋଗ କାମନା

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ନିର୍ମଳ ବାୟୁ ଏବଂ ନୀଳ ଆକାଶ ଦିବସ-୨୦୨୬ ମହାସମାରୋହରେ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ପାଳିତ ହୋଇଯାଇଛି। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବ୍ରିଜେଶ କୁମାର ରାୟ, ଆଇପିଏସ, ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ ପୋଲିସ, ପଶ୍ଚିମାଞ୍ଚଳ, ରାଉରକେଲା ବାୟୁ ପ୍ରଦୂଷଣ ରୋକିବାରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ପ୍ରେତ୍ୟେକ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବା ଓ ଏହାକୁ ଏକ ଆନ୍ଦୋଳନ ରେ ପରିବର୍ତ୍ତନ କରିବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପ୍ରଫେସର କେ.




ଉମାମହେଶ୍ୱର ରାଓ, ନିର୍ଦ୍ଦେଶକ, ଏନଆଇଟି ରାଉରକେଲା, ରବିକାନ୍ତ ମୀନା, ଆଇଏଫଏସ, ଡିଏଫଓ, ରାଉରକେଲା, ପ୍ରଫେସର ହିମାଂଶୁ ଭୂଷଣ ସାହୁ, ମାଇନିଂ ଇଞ୍ଜିନିୟରିଂ ବିଭାଗ, ଏନଆଇଟି ରାଉରକେଲା, ସଞ୍ଜିବ କୁମାର ପାଲ, ହେଡ୍ ଏନଭାଏରୋନମେଣ୍ଟ, ଟାଟା ଷ୍ଟିଲ ନିଜ ନିଜ ବକ୍ତବ୍ୟ ରେ ନିର୍ମଳ ବାୟୁର ଆବଶ୍ୟକତା ଓ ଏହାର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସ୍ୱଚ୍ଛ ବାୟୁ ଓ ସ୍ୱଚ୍ଛ ପରିବେଶ ପାଇଁ ନିରନ୍ତର ଉଦ୍ୟମ ଜାରିରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ପାଇଁ ଜନସହଭାଗିତା ଜରୁରୀ ବୋଲି ମତ ଦେଇଥିଲେ । ପୁରସ୍କାର ଗ୍ରହଣ ପାଇଁ ଦିଲ୍ଲୀ ଯାଇଥିବା ଏସପିସିବି ର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼ ଅନୁପ କୁମାର ମଲ୍ଲିକ ଏକ ଭିଡିଓ ଜାରିକରି କାର୍ଯ୍ୟକ୍ରମ ରେ ଉପସ୍ଥିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଇଂ. ବିଜୟ କୁମାର ଭୋଇ, ଡେପୁଟି ଏନଭାଏରୋନମେଣ୍ଟାଲ ଇଞ୍ଜିନିୟର, ଏସପିସି ବୋର୍ଡ ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ରେ ରାଉରକେଲା ସହର ଦେଶର ପ୍ରଥମ ସ୍ଥାନ ହାସଲ କରି ଦିଲ୍ଲୀ ଠାରେ ଆୟୋଜିତ ଜାତୀୟ ସ୍ତର ରେ ପୁରସ୍କୃତ ହୋଉଥିବା ରାଉରକେଲା ପାଇଁ ଗର୍ବ ବୋଲି କହିଥିଲେ । ଏହି ଅବସରରେ ପରିବେଶ ସଚେତନତା ଉପରେ ଆଧାରିତ ନୃତ୍ୟ ନାଟିକା ପରିବେଷଣ ଦର୍ଶକ ମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ମିଶନ ଲାଇଫ ଉପରେ ଇଂରାଜୀ ଓ ହିନ୍ଦୀରେ ଶପଥ ପାଠ କରାଯାଇଥିଲା। ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଡିଇଇ ଚନ୍ଦ୍ର ଶେଖର ଚୌହାନ, ରଜତ କୁମାର ସେଠି ଓ ଏନଏସପିସିଏଲ ଜିଏମ ତଥା ବିୟୁଏଚ ପୁଷ୍କାର ଚନ୍ଦ୍ରଶେଖର ହୁଦ୍ଦାର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ପିଲାଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ଇଂ. ଆର. ଆର. ଦାସ, ଡିଇଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବହୁ ଶିଳ୍ପ, ଖଣି ଖାଦାନ, ଅନୁଷ୍ଠାନ, ସ୍କୁଲ କଲେଜ, ପରିବେଶବିତ୍ତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ବିଭାଗୀୟ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ।

## ଶ୍ରୀ ଶ୍ରୀ ଜୟଦୁର୍ଗା ସମିତିକୁ ଐତିହ୍ୟସମ୍ପନ୍ନ ମାନ୍ୟତା ପ୍ରଦାନ ପାଇଁ ଦାବି

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ସୁତାହାଟସ୍ଥିତ କର ପ୍ୟାଲେସଠାରେ ଶ୍ରୀ ଶ୍ରୀ ଜୟଦୁର୍ଗା ସମିତି ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା ଓ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁତାହାଟର ନୂତନ ଭାବେ ନିର୍ବାଚିତ ସଭାପତି ସ୍ନେହାଶିଷ କର, ଉପସଭାପତି ବି. ଆପନା, ସମ୍ପାଦକ ଏମ୍. ନାରାୟଣ ସ୍ୱାମୀ ନାଇଡୁ, ସହସମ୍ପାଦକ ଟି. ପ୍ରତାପ ଏବଂ କୋଷାଧ୍ୟକ୍ଷ ଦୀନେଶ ପ୍ରତିହାରୀଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନଙ୍କୁ ସାହିର ସମସ୍ତ ସଭ୍ୟଙ୍କ ସହ ପରିଚିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ସୁବାଶିଷ କର, ଅଶୋକ ପାଣ୍ଡେ ଓ ଶଙ୍କର ପଟ୍ଟନାୟକଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସାହିର ମୁରବୀ ଏନ୍. ନୀଳାଦ୍ରି ରାଓ, ଟାଙ୍ଗୁ ମହାପାତ୍ର ଓ ପ୍ରେମାନନ୍ଦ ମହାରଣାଙ୍କୁ ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା। ସମିତିର ୪୫ ବର୍ଷ ପୂର୍ତ୍ତି ଅବସରରେ ସମ୍ପାଦକଙ୍କ ପକ୍ଷରୁ ସମିତି ସମ୍ପର୍କିତ ପୁରୁଣା କାଗଜପତ୍ର ଓ ଫଟୋଚିତ୍ର ଉପସ୍ଥିତ ସଦସ୍ୟମାନଙ୍କୁ ପ୍ରଦର୍ଶନ କରାଯାଇଥିଲା। ସମିତିର ଐତିହ୍ୟ ଓ ପୁରୁଣା ଦସ୍ତାବିଜକୁ ଆଧାର କରି ଏହାକୁ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଐତିହ୍ୟସମ୍ପନ୍ନ ସମିତି ଭାବେ ମାନ୍ୟତା ପ୍ରଦାନ ପାଇଁ ଶାନ୍ତି କମିଟି ସମ୍ମୁଖରେ ଦାବି ରଖାଯାଇଥିଲା। ସମିତି ପକ୍ଷରୁ ଦାଖଲ ହୋଇଥିବା ଦସ୍ତାବିଜ ସମ୍ପର୍କରେ ଆଲୋଚନା କରି ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଏହି ଦାବିକୁ ସଂସ୍କୃତି ବିଭାଗ ଓ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି କହିଥିଲେ। ଏହି ଅବସରରେ ଆଗାମୀ ଗଣେଶ ପୂଜା, ଘଟ ପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା ଓ କାର୍ତ୍ତିକେଶ୍ୱର ପୂଜା ପାଇଁ ସମିତି ପକ୍ଷରୁ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଥିଲା। କାର୍ଯ୍ୟକ୍ରମରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ନୃସିଂହ ବୈଦୁରୀ, ହାବୁଦା ସିନା, କୋଷାଧ୍ୟକ୍ଷ ନରେଶ କୁମାର ଏବଂ ୧୭ ନମ୍ବର କର୍ପୋରେଟର ଶ୍ରୀଦେବୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ସମିତିର ନବନିର୍ବାଚିତ ସଭାପତି ସ୍ନେହାଶିଷ କର ଉପସ୍ଥିତ ସମସ୍ତ ଅତିଥି, ସଦସ୍ୟ ଓ ସାହିବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ପରିବେଶ ସୁରକ୍ଷା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ସଚେତନତା ଅଭିଯାନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

'ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ୍ ମୁକ୍ତ ଜୀବନ' ବିଷୟବସ୍ତୁକୁ ନେଇ ଚାଲିଥିବା ପରିବେଶ ସୁରକ୍ଷା ଅଭିଯାନ ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ତଥା ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଟାଉନସିପସ୍ଥିତ ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଆୟୋଜିତ 'ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା' ରାଲିରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ମଦନ ମୋହନ ସାହୁ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଚିଫ୍ କର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ଟିଏସକେ, ନୀଳାଚଳ ଇସ୍ପାତ ନିଗମ ଏବଂ ଜିନ୍ଦଲ ଷ୍ଟେନଲେସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସମସ୍ତ ଅଂଶଗ୍ରହଣକାରୀମାନେ 'ମିଶନ ଲାଇଫ୍' ଶପଥ ପାଠ କରିଥିଲେ। ଅଣ-ଯାନ୍ତ୍ରିକ ପରିବହନକୁ ପ୍ରୋତ୍ସାହିତ କରିବା, ବାୟୁ ଗୁଣବତ୍ତା ମାନରେ ଉନ୍ନତି ଆଣିବା ଏବଂ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିପରି ସେପଟ୍ମେର, ୭ ତାରିଖ ଦିନ ଯାଜପୁର ଜିଲ୍ଲା ଡୁବୁରୀସ୍ଥିତ ଗୋଳାଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ମଧ୍ୟ 'ମିଶନ ଲାଇଫ୍' ଶପଥ ଗ୍ରହଣ କରିଥିଲେ ଏବଂ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



## ରଷିକୂଲ୍ୟା, ବାହୁଦା ଓ ବାଘୁଆ ନଦୀ ଉପରେ ବାଲିମାଫିଆଙ୍କ ନଜର

**କବିସୂର୍ଯ୍ୟନଗର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଲଘୁଖଣିଜ ଚୋରି ବଢି ଚାଲିଛି। ଧର୍ମକୁ ଆଖିଠାର ଭଳି ଗାଡି ଧରାଯାଉଛି। ଲଘୁଖଣିଜ ଲୁଟ ଘଟଣାରେ ମାଫିଆ,ଅଧିକାରୀ ଓ ନେତାଙ୍କ ସଂପୃକ୍ତି ରହୁଛି। ଗଞ୍ଜାମ ଜିଲ୍ଲାର ରଷିକୂଲ୍ୟା,ବାହୁଦା,ବଡ ନଦୀ ଓ ବାଘୁଆ ନଦୀ ଉପରେ ମାଫିଆଙ୍କ ନଜର ପଡିଛି। ମାଫିଆ ମାନେ ବେଆଇନ ବାଲି ଚାଲଣ ସହିତ ବିଭିନ୍ନ ରାସ୍ତାର ପାର୍ଶ୍ୱରେ ବାଲିର ପାହାଡ ଭଳି ବାଲି ଗଦା କରିଛନ୍ତି। ଅଧିକାଂଶ ନକଲି ୱାଇ ଫର୍ମରେ ବାଲି ଚାଲଣ ହେଉଛି। କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଦେଓ ଗାଁ ପାହାଡରେ ବେଆଇନ ପଥର ବ୍ଲାଷ୍ଟିଙ୍ଗ ଦ୍ୱାରା ଶବ୍ଦ ପ୍ରଦୂଷଣ ସହିତ ଦେଓ ଗାଁ ଓ ବୁଢାମ୍ବର କିଛି ସାହିରେ ଘର କାନ୍ଥ ମାନଙ୍କରେ ଫାଟ ସୃଷ୍ଟି ହୋଇଛି। ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କବିସୂର୍ଯ୍ୟନଗର ତହସିଲଦାରଙ୍କୁ ଲିଖିତ ଦରଖାସ୍ତ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦେଓ ଗାଁ ପାହାଡ ତଳେ ଏକ ଶିକ୍ଷାନୁଷ୍ଠାନ ରହିଛି। ଉକ୍ତ ଅଞ୍ଚଳରେ କୃଷ୍ଣସାର ମୃଗ,ମୟୁର,ବାରିହା, ଝିଙ୍କ,ବଜ୍ରକାପ୍ଟା ଭଳି ବନ୍ୟଜନ୍ତୁଙ୍କ ବିଚରଣ ସ୍ଥଳୀ ହୋଇଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। କ୍ରସର ୟୁନିଟର ଧୂଳି ଓ ପଥର ବ୍ଲାଷ୍ଟିଙ୍ଗ ସମୟରେ ପଥର ଗଡି ଚାଷ ଜମିରେ ପଡି ଫସଲ ନଷ୍ଟ ହେବା ସହିତ ଚାଷ ଜମିରେ କାର୍ଯ୍ୟରତ ଚାଷୀ ଓ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ରହିଛି। କ୍ରସର ୟୁନିଟର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଯାଞ୍ଚ ସହିତ କ୍ରସର ୟୁନିଟ ପାଇଁ କେଉଁ ପାହାଡରୁ ପଥର ଉତ୍ତୋଳନ ଓ କେତେ ପରିମାଣର ଉତ୍ତୋଳନ ହୋଇଛି ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଭାଟଖାଲି ପାହାଡରେ ବେଆଇନ ପଥର ବ୍ଲାଷ୍ଟିଙ୍ଗ ସହିତ ସେଠାରେ ବେଆଇନ କ୍ରସର, ବେଆଇନ ବାଲିର ପାହାଡ ରହିଛି। କ୍ରସର ୟୁନିଟର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଓ କେଉଁ ପାହାଡରୁ କେତେ ପରିମାଣର ପଥର ଉତ୍ତୋଳନ ପାଇଁ ଅନୁମତି ରହିଛି ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପଥର ବ୍ଲାଷ୍ଟିଙ୍ଗ ଦ୍ୱାରା ବନ୍ୟଜନ୍ତୁ ଓ ଜନଜୀବନ ପ୍ରତି ବିପଦ ରହିଛି। ବିଗତ ଦିନରେ ଭାଟଖାଲି ପାହାଡକୁ ନେଇ ପୁଲିସ ନିର୍ଯ୍ୟାତନାରେ ଜଣେ ବିକଳାଙ୍ଗ ଯୁବକର ମୃତ୍ୟୁ ହୋଇ ଥିଲା । କବିସୂର୍ଯ୍ୟନଗର ତହସିଲ ଅନ୍ତର୍ଗତ ଜରଡ କ୍ରସର ୟୁନିଟ ନିକଟରେ ଗତ କିଛି ଦିନ ତଳେ କଲରାପତ୍ରିଆ ବାଘ ଶିକାର ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା । ଜରଡ କ୍ରସର ୟୁନିଟର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଯାଞ୍ଚ ସହିତ ପଥର ଉତ୍ତୋଳନ ପରମାଣ ଯାଞ୍ଚ କରାଯାଉ।




## ଏଚ୍.ଆଇ.ଭି ତଥା ଏଡ୍ସ ନିରାକରଣ ନେଇ ପ୍ରତିଯୋଗିତା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ପି.ଏମ୍. ଶ୍ରୀ ଜିଲ୍ଲା ସ୍କୁଲଠାରେ ଆଜି ଏକ ଜିଲ୍ଲା ସ୍ତରୀୟ ଏଚ୍.ଆଇ.ଭି/ ଏଡ଼ସ୍ କୁଇଜ୍ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜୁନିୟର ରେଡକ୍ରସ, ଭଦ୍ରକ ସମ୍ପୂର୍ଣ୍ଣ ସହଯୋଗ କରିଥିଲା। ଏହି ପ୍ରତିଯୋଗିତାରେ ଜିଲ୍ଲାର ୭ଟି ବ୍ଲକରୁ ମୋଟ ୧୪ ଜଣ ପ୍ରତିଯୋଗୀ ସେମାନଙ୍କ ଗାଇଡ୍ ଶିକ୍ଷକମାନଙ୍କ ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜନସ୍ୱାସ୍ଥ୍ୟ ବିଭାଗର ଏଡିଏମ ଡାକ୍ତର ସନ୍ତୋଷ କୁମାର ପୃଷ୍ଟି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏଚ୍.ଆଇ.ଭି/ଏଡ଼ସ୍ ବିଷୟରେ ସଚେତନ କରାଇବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ତାଙ୍କ ସହ ସମ୍ମାନିତ ଅତିଥି ଭାବେ ଜୁନିୟର ରେଡକ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ, ପି.ଏମ୍. ଶ୍ରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିଲି ପରିଦା, ମେଡିକାଲ କର୍ମଚାରୀ ଦେବେନ୍ଦ୍ର ବାବୁ ଏବଂ ବ୍ଲକ ସଂଯୋଜକ ଧର୍ମେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି କୁଇଜ୍ ପ୍ରତିଯୋଗିତାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାସୁଦେବପୁର ଏ.ବି. ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ଦାଶ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚାନ୍ଦବାଲି ଡାଖା ହାଇସ୍କୁଲର ଛାତ୍ର ସୌମ୍ୟ ରଞ୍ଜନ ବିଶ୍ୱାଳ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। କୃତୀ ପ୍ରତିଯୋଗୀ ଦ୍ୱୟଙ୍କୁ ପୁରସ୍କାର ସ୍ୱରୂପ ୬୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହା ସହିତ ଏହି ଦୁଇ ଜଣ ବିଜେତା ଆଗାମୀ ରାଜ୍ୟ ସ୍ତରୀୟ ଏଚ୍.ଆଇ.ଭି/ଏଡ଼ସ୍ କୁଇଜ୍ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି।

## କୋଟପାଡରେ ଜନ ଶୁଣାଣି କାର୍ଯ୍ୟକ୍ରମ ୬୪ଟି ଅଭିଯୋଗ: ୯ଟିର ଫଇସଲା

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମନୋଜ ସତ୍ୟବ୍ରାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୬୪ଟି ଅଭିଯୋଗ ମଧ୍ୟରୁ ୧୧ଟି ଗୋଷ୍ଠୀଗତ ଓ ୫୩ଟି ବ୍ୟକ୍ତିଗତ ଅଭିଯୋଗ ହୋଇ ଥିଲା। ଏଥିମଧ୍ୟରୁ ୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଜିଲ୍ଲାପାଳ ଅଭିଯୋଗଗୁଡ଼ିକ ଶୁଣି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିୟମାନୁଯାୟୀ ତ୍ୱରିତ ସମାଧାନ କରିବା ସହ ଅଭିଯୋଗଗୁଡ଼ିକର ଅଗ୍ରଗତି ନିୟମିତ ଅନୁଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯୋଗ୍ୟ ଯେ,କୋଟପାଡ଼ ବ୍ଲକରେ ରହିଥିବା ଚାନ୍ଦିଲି ପଞ୍ଚାୟତର ସୁର୍ଲି ନିକଟ ଜାତୀୟ ରାଜପଥ ଠାରୁ ସୀମାନ୍ତରେ ଥିବା ବିକ୍ରମ ପୁର, କୋଟପାଡ଼ରୁ ବାସୁଲି -ଗୁମୁଣ୍ଡା ଦେଇ ଚିର୍ମା ଘାଟ ପର୍ଯ୍ୟନ୍ତ, ହର୍ଦୁଲି ଠାରୁ ନେହୁରପାଲି, କୋଟପାଡ଼ ଠାରୁ ଗୁଲିଗୁଡା ମୁର୍ତାହାଣ୍ଡି ବନ୍ଧଗୁଡା ଦେଇ ଖୋସଲାଖୋଡ଼କକୁ ସଂଯୋଗ କରୁଥିବା ସଡ଼କ, ବସ୍ତାଆମ୍ବାରୁ ଖଡ଼ଗପୁର,ଏହିପରି ବିଭିନ୍ନ ସଡ଼କର ଅବସ୍ଥା ଅତି ଶୋଚନୀୟ ଏବଂ ଜର୍ଜର ହୋଇ ଖାଲ ଖମାରେ ପୁର୍ଣ ହୋଇଥିବା ହେତୁ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଥିବା ଏବଂ ସାଧାରଣ ଯାତ୍ରୀ ଦୈନନ୍ଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଥିବାକୁ ନେଇ ସର୍ଗିଗୁଡା ପଞ୍ଚାୟତ, ଘୁମର ପଞ୍ଚାୟତର କିଛି ସାମାଜିକ କର୍ମୀ ନିଜ ନିଜ ଅଞ୍ଚଳର ସମସ୍ୟାକୁ ନେଇ ଅଭିଯୋଗ କରିଥିବା ବେଳେ ସର୍ଗିଗୁଡାରେ ଧାନକ୍ରୟ କେନ୍ଦ୍ର ଆରମ୍ଭ କରିବାକୁ ନେଇ ଗୁହାରି କରିଥିବା ଦୃଷ୍ଟି ଗୋଚର ହୋଇଛି । ଏମିତି ଅନେକ ସମସ୍ୟାର ଅଭିଯୋଗ ଜନ ଶୁଣାଣିରେ ଉପସ୍ଥାପନା କରାଯାଉଥିଲେ ହେଁ,କିଛି ଉଦାସୀନତା ମନୋଭାବର ଅଧିକାରୀ /କର୍ମଚାରୀଙ୍କ ଅବହେଳିତ କାର୍ଯ୍ୟ ଯୋଗୁଁ ବର୍ଷ ବର୍ଷ ଧରି ଫାଇଲ ତଳେ ଚାପି ହୋଇ ରହିଯାଉଛି । ଏହାକୁ ନେଇ ଅନେକ ହିତାଧିକାରୀଙ୍କ ମନରେ ଆଶଙ୍କା ଜାତ ହେଉଛି, ଯାହାକୁ ଜ଼ିଲ୍ଲା ପ୍ରଶାସନ ପକ୍ଷରୁ ଭିତିରିଆ ଅନୁସନ୍ଧାନ କରି ସମସ୍ୟାର ସମାଧାନ କଲେ ଅଞ୍ଚଳର ଜନସାଧାରଣ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ପ୍ରଶିକ୍ଷଣାଧୀନ ଅଧିକାରୀ, କୋରାପୁଟ, ଉପଜିଲ୍ଲାପାଳ ଯଦୁମଣି ନାଏକ, ଜିଲ୍ଲା ବନ ଅଧିକାରୀ ରାଜେଶ ପଟେଲ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ରବୀନ୍ଦ୍ର ନାଥ ଦାଶ, କୋଟପାଡ଼ ପୌରପାଳିକାର ପୌରାଧ୍ୟକ୍ଷ ଏମ୍. ଶଙ୍କର ରାଓଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲା ଟ୍ୟାକ୍ସବାର ପକ୍ଷରୁ ବିଧାୟକଙ୍କୁ ଦାବି ପତ୍ର ପ୍ରଦାନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଟ୍ୟାକ୍ସବାର ତରଫରୁ ନୂତନ ରାଜ୍ୟ ଜିଏସଟି କାର୍ଯ୍ୟଳୟ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନଅବସର ରେ ମାନ୍ୟବର ବିଧାୟକ ଅକାଶ ଦାସ ନାୟକ କଥା ଦେଇ କଥା ରଖି ଥିବାରୁ କୃତଜ୍ଞତା ପ୍ରକାଶ କରାଯାଇଛି। ଗତ ୧ ତାରିଖ ଦିନ ସଙ୍ଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ମଦନ ମୋହନ ସ୍ୱାଇଁଙ୍କ ଜୟନ୍ତୀ ପରିପେକ୍ଷୀରେ ଆଲୋଚନା ଚକ୍ର ରେ ଓକିଲ ମାନଙ୍କ ତରଫରୁ ଉତଥାପନ୍ ହୋଇଥିବା ଅନେକ ଦିନର ଦାବି ର ଉତ୍ତରରେ ୧ ସପ୍ତାହ ରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଠିକ୍ ଏହାର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇ ଥିବାରୁ ଓକିଲ ସଙ୍ଘ ତରଫରୁ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ନାୟକ ଙ୍କୁ ପୁଷ୍ପଗୁଚ୍ଛ, ଧନ୍ୟବାଦ, କୃତଜ୍ଞତା ସହିତ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ହେବାକୁ ଥିବା ନୂତନ ଜିଏସଟି କାର୍ଯ୍ୟାଳୟ ନିର୍ଦ୍ଧାରିତ ସମୟରେ ଉଚିତ୍ ମାନର କରି ସଂପୂର୍ଣ୍ଣ କରିବା, ନିତନ ଗୃହରେ ସଠିକ୍ ଭାବରେ ଟିକସ ଆଦାୟର ପରିଚାଳନା ନିମନ୍ତେ ଓକିଲ ସଂଘ କୁ ଏକ ଲାଇବ୍ରେରୀ ହଲ ପ୍ରଦାନ କରିବ, ରେଞ୍ଜ ର ମୁଖ୍ୟ ଏଡିସନାଲ କମିସନର ପଦବୀ ଖାଲି ଥିବା ରୁ ତୁରନ୍ତ ନିୟମିତ କରିବା, ଖାଲି ଥିବା ଆପିଲ ଆଡସନାଲ କମିଶନର ପଦବୀ ପୂରଣ କରିବା ପ୍ରମୁଖ ଦାବୀକୁ ବିଧାୟକ ସହୃଦୟ ର ସହିତ ଗ୍ରହଣ କରି ତୁରନ୍ତ ବିଭାଗୀୟ ପ୍ରମୁଖ ଓ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦାୟିତ୍ୱ ରେ ଥିବା ଯାଜପୁର ରେଞ୍ଜରଏଡିସନାଲ କମିସନର ମୁକ୍ତି ରଞ୍ଜନ ଆଚାର୍ଯ୍ୟ, ଏବଂ ଯାଜପୁର ସର୍କଲ ହେଡ ଯୁଗ୍ମ କମିଶନର ଲାଲ ବାହାଦୂର ବିଶ୍ୱାଳ ଉପସ୍ଥିତ ଥିଲେ। ଓକିଲ ସଂଘ ତରଫରୁ ସମ୍ପାଦକ ଧନେଶ୍ୱର ବାରିକ ଯୁଗ୍ମସମ୍ପାଦକ ଅଶୋକ ଶର୍ମା , ସହସମ୍ପାଦକ ଦୀପୁ ବାରିକ, କୋଷାଧ୍ୟକ୍ଷ ଅକ୍ଷୟ ବାରିକ , ଲାଇବ୍ରେରି ସମ୍ପାଦକ ଦିଲ୍ଲୀପ କୁମାର ନାୟକ,କାର୍ଯ୍ୟକାରୀ କମିଟି ସଭ୍ୟ ରାମାକାନ୍ତ ନନ୍ଦ, ପ୍ରବୀର କୁମାର ରାଉତ, ଶିବାନନ୍ଦ ଦାସ,, ଦୀପ୍ତି କାନ୍ତ ବାରିକ୍, ଚନ୍ଦନ କୁମାର ମଲ୍ଲିକ , କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ନିରକ୍ଷରତା ଦୂରୀକରଣ ନେଇ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରର ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ନବଭାରତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗ ଦେଇ ନିରକ୍ଷରତା ଦୂରୀକରଣ ଉପରେ ବକ୍ତବ୍ୟ ରଖିଥିଲେ।ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଳାନ ପାଣ୍ଡିଆ ସ୍ୱାଗତ ଅଭିଭାଷଣ ଦେଇଥିଲେ।ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାଲାଜୀ ବିଶ୍ୱନାଥ ଯୋଗ ଦେଇଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁଲିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ବ୍ରତାନନ୍ଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବକ୍ତୃତା, ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବିଚାରକ ଭାବରେ ଶିକ୍ଷୟିତ୍ରୀ ଜୟନ୍ତୀ ମେହେର ପ୍ରଜ୍ଞା ପରିମିତା ମିଶ୍ର, ଦମୟନ୍ତୀ ଜଗଦଲା, ଏସ ଏସ ପ୍ରିୟଦର୍ଶିନୀ, ଶିକ୍ଷକ ଚିତ୍ରସେନ କଳତା, ଆଲୋକ ଗହନ, ଗିରିଶ କୁମାର ତ୍ରିପାଠୀ ଯୋଗଦେଇଥିଲେ।

## ବାଲେଶ୍ୱରରେ ଯୁଗ୍ମ ଜନଶୁଣାଣି ୨୬୧ ଅଭିଯୋଗରୁ ୧୧୨ଟିର ତତ୍କାଳ ସମାଧାନ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୬୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୪୪ ଗୋଟି ବ୍ୟକ୍ତିଗତ ଏବଂ ୧୭ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୦୦ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୧୨ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ବାଲେଶ୍ୱର ନିର୍ବାହୀ ଅଧିକାରୀ, ପୌରପାଳିକା ଶିରୀୟାଲ ଶୁଭ୍ର ପଟେଲ, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



# ରାଜସ୍ୱ ସମୀକ୍ଷା ବୈଠକ : ଜନତାଙ୍କ ଅଭିଯୋଗ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ ରାଜସ୍ୱ ସମୀକ୍ଷା ବୈଠକ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ପୋଲିସ୍ ଅଧିକାରୀ, ଜିଲ୍ଲା ଖଣି ଅଧିକାରୀ, ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ରହି ଜମି କିସମ ପରିବର୍ତ୍ତନ, ମ୍ୟୁଟେସନ୍ ପଟା ସଂଶୋଧନ, କଲମ-୨ ସଂଶୋଧନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ଜିଲ୍ଲାରେ ବେଆଇନ୍ ଭାବେ ଚାଲାଣ ହୋଇଥିବା ମାଟି, ବାଲି, ଗୋଡି ଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଚାଲାଣରେ ସଂପୃକ୍ତ ଥିବା ଗାଡି ଗୁଡିକ ଉପରେ ଜରିମାନା ଆଦାୟ କରିବା, ରାଜକନିକା, ରାଜନଗର ଅଞ୍ଚଳରେ ବେଆଇନ୍ ଚୁଙ୍ଗୁଡିଘେରୀକୁ ଭାଙ୍ଗିବା, ଜାତୀୟ ରାଜପଥ ଉପରେ ଗାଡି ପାର୍କିଂ କରୁଥିବା ଓ ଗାଡି ଗୁଡିକୁ ରାସ୍ତା ଉପରେ ଧୋଉଥିବା ଗାଡି ମାଲିକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେବା, ଆମ ଗାଁରେ ତହସିଲ୍ କାର୍ଯ୍ୟକ୍ରମରେ ପ୍ରତ୍ୟେକ ତହସିଲ୍ ଅଞ୍ଚଳରେ ତହସିଲ୍ ରଥ ବୁଲାଇ ଜନସାଧାରଣଙ୍କୁ ତହସିଲ୍ ଓ ରାଜସ୍ୱ ସମ୍ପର୍କିତ ସମସ୍ତ ବିଷୟରେ ସଚେତନ କରିବା ଏବଂ ରଥ ବୁଲୁଥିବା ସମୟରେ ଜନସାଧାରଣ ଆବେଦନ କରି ବିଭିନ୍ନ ପ୍ରମାଣପତ୍ର ତତ୍କ୍ଷଣ ପ୍ରଦାନ କରିବା, ରାଜସ୍ୱ ଦେୟ ଇତ୍ୟାଦି ଦେବା ସହିତ ଅନ୍ୟାନ୍ୟ ସୁବିଧା ନେଇପାରିବେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ତହସିଲଦାର ଓ ଥାନା ଅଧିକାରୀ ଉଭୟ ସମନ୍ୱୟ ରକ୍ଷା କରି ରୋଡ୍ ରୋମିଓଙ୍କୁ ସାବାଡ୍ କରିବା ସହିତ ରାତ୍ରକାଳରେ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଉପରେ ଆଲୋକପାତ କରାଯାଇଥିଲା। ଉପଜିଲ୍ଲାପାଳ ଶ୍ରୀ ନାୟକ ଜିଲ୍ଲାରେ କଲମ-୨ ସଂଶୋଧନ ପାଇଁ ତହସିଲ୍ଦାରମାନେ ପଦକ୍ଷେପ ନେଉଥିବାରୁ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ସୁପର ଭାଇଜରମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଖଣିଜ କ୍ଷେତ୍ରକୁ ପ୍ରୋତ୍ସାହନ ଲାଗି ପ୍ରସ୍ତୁତି ଜୋରଦାର

ବିରଳ ଖଣିଜ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ର ସରକାର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି । ଦେଶ ମଧ୍ୟରେ ଦୁର୍ଲଭ ଖଣିଜର ପ୍ରକ୍ରିୟାକରଣକୁ ବୃଦ୍ଧି କରିବା ଲାଗି ବିଭିନ୍ନ ଯୋଜନା ଆସିଛି। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଏବଂ ଗୁଜରାଟରେ କ୍ରିଟିକାଲ ମିନେରାଲ ପାର୍କ ବିକଶିତ ହେଉଛି । ଏହାସହ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଏସ୍ଆଇ) ଚଳିତ ବର୍ଷ ୩୦୦ଟି ଅନ୍ୱେଷଣ ପ୍ରକଳ୍ପ ହାତକୁ ନେଇଥିବା କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ଲିଥିୟମ, କୋବାଲଟ, ନିକେଲ୍, ତମ୍ବା, ଗ୍ରାଫାଇଟ୍ ଏବଂ ବିରଳ ମୃତ୍ତିକା ଉପାଦାନ ଭଳି ଖଣିଜ ସାମଗ୍ରୀ ଗୁଡିକ ବୈଦ୍ୟୁତିକ ଯାନ, ବ୍ୟାଟେରୀ, ସେମିକଣ୍ଡକ୍ଟର, ସୌର ପ୍ୟାନେଲ୍, ପବନ ଟର୍ବାଇନ ଏବଂ ଆଧୁନିକ ପ୍ରତିରକ୍ଷା ପ୍ରଣାଳୀ କ୍ଷେତ୍ରରେ ବ୍ୟବହାର ହେଉଛି । ପ୍ରସ୍ତାବିତ ୪ କ୍ରିଟିକାଲ୍ ମିନେରାଲ୍ ପାର୍କ ଜରିଆରେ ଲିଥିୟମ, ନିକେଲ, ଜିରକୋନିୟମ ଏବଂ କ୍ରିଟିକାଲ ମିନିରାଲ ମ୍ୟାଗ୍ନେଟ ଭଳି ଖଣିଜ ସାମଗ୍ରୀର ପ୍ରକ୍ରିୟାକରଣ କରାଯିବ । ସରକାର ୩୦ଟି ଦୁର୍ଲଭ ଖଣିଜକୁ ଚିହ୍ନଟ କରି ଏହି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଲାଗି ଏକ ମିଶନ ଆରମ୍ଭ କରାଯାଇଛି । ଏଥିଲାଗି ୩୪,୩୦୦ କୋଟି ଟଙ୍କା ବିନିଯୋଗ ନେଇ ବ୍ୟବସ୍ଥା ହୋଇଛି । ମେ ମାସରେ ଭାରତ ଏବଂ ଆମେରିକା ଏକ ରଣନୈତିକ ଚୁକ୍ତିରେ ସାମିଲ ହୋଇଛନ୍ତି । ଏହା ସହିତ ଅଷ୍ଟ୍ରେଲିଆ ସହ ରାଷ୍ଟ୍ରାୟତ୍ତ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ (କାବିଲ), ଫ୍ରାନ୍ସ ସହ ଯୁଗ୍ମ ୱାର୍କିଂ ଗ୍ରୁପ, କ୍ୱାର୍ଡ କ୍ରିଟିକାଲ ମିନେରାଲ ଇନିସିଏଟିଭ୍ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । ସେହିଭଳି ଇ-ୱେଷ୍ଟରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ସଂଗ୍ରହ ଏବଂ ଏହାର ପ୍ରକ୍ରିୟାକରଣ କରିବା ଲାଗି ସରକାର ୧୫ ଶହ କୋଟି ଟଙ୍କାର ପ୍ରୋତ୍ସାହନ ଯୋଜନା ପ୍ରସ୍ତୁତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆବେଦନ କରିଥିବା ୧୨୫ କମ୍ପାନି ମଧ୍ୟରୁ ୫୮ଟି କମ୍ପାନିକୁ ମନୋନିତ କରାଯାଇଛି । ରିସାଇକ୍ଲିଂ ମାଧ୍ୟମରେ ଦେଶର ମୋଟ ଖଣିଜ ଆବଶ୍ୟକତାର ୨୫ରୁ ୩୦% ଅଂଶକୁ ପୂରଣ କରାଯାଇପାରିବ । ବିଶ୍ୱରେ ଅକ୍ଷୟ ଶକ୍ତି ବ୍ୟବସ୍ଥାର ବିକାଶ ଲାଗି କ୍ରିଟିକାଲ ମିନେରାଲ ବା ଦୁର୍ଲଭ ଖଣିଜର ଗୁରୁତ୍ୱ ବଢ଼ିଛି । ଏହି ପରିପ୍ରେକ୍ଷୀରେ ବ୍ରିକ୍ସ ସମ୍ମିଳନୀରେ ସଦସ୍ୟ ଦେଶ ଗୁଡ଼ିକର ଶୀର୍ଷ ନେତୃତ୍ୱମାନେ ଗୁରୁତ୍ୱପୂର୍ଣ୍ଣ ଖଣିଜର ସୁରକ୍ଷିତ, ଭରସାଯୋଗ୍ୟ ଏବଂ ଦୃଢ଼ ଯୋଗାଣଶୃଙ୍ଖଳ ଗଠନ ଉପରେ ଜୋର ଦେଇଛନ୍ତି । କେନ୍ଦ୍ର କୋଇଲା ମନ୍ତ୍ରୀ ଜି.କିଶନ ରେଡ୍ଡି କହିଛନ୍ତି, ଭାରତ ଆର୍ଜେଣ୍ଟିନାରୁ ୫ଟି ଲିଥିୟମ ବ୍ଲକ ଅଧିଗ୍ରହଣ ପାଇଁ ଆଲୋଚନା ଜାରି ରଖିଛି । ଏହାବାଦ ଅଷ୍ଟ୍ରେଲିଆ ଏବଂ ଚିଲି ସହ କଥାବାର୍ତ୍ତା ଜାରି ରହିଛି । ଭାରତରେ ଗଚ୍ଛିତ ଥିବା ଲିଥିୟମ ପରିମାଣ ସୀମିତ ଥିବାରୁ ଏହାର ଯୋଗାଣ ସୁରକ୍ଷିତ କରିବା ଜରୁରୀ ହୋଇପଡିଛି । ବର୍ତ୍ତମାନ ବିଶ୍ୱ ବାଣିଜ୍ୟ ଏବଂ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନଶୀଳ ନୀତି ତଥା ବିଶ୍ୱବ୍ୟାପୀ ଆର୍ଥିକ ଅସ୍ଥିରତା ଦେଶ ଗୁଡ଼ିକ ଲାଗି ଏବେ ବଡ଼ ଆହ୍ୱାନ ପାଲଟିଛି । ବିଶେଷଜ୍ଞ କହିଛନ୍ତି ଯେ, ଭାରତର ଆହ୍ୱାନ କେବଳ ଦୁଲର୍ଭ ଖଣିଜ ଖୋଜିବାରେ ସୀମତି ନାହିଁ । ଅନୁସନ୍ଧାନ ହୋଇଥିବା ସ୍ଥାନ ଗୁଡିକୁ ଲାଭଦାୟକ ଖଣିରେ ରୁପାନ୍ତରିତ କରିବା, ଦେଶ ମଧ୍ୟରେ ପ୍ରକ୍ରିୟାକରଣ, ପୃଥକୀକରଣ ପ୍ରଯୁକ୍ତି ବିକଶିତ କରିବା ଏବଂ ବିଦେଶ ବଜାର ଉପରେ ନିର୍ଭରଶୀଳତା ହ୍ରାସ ଅତ୍ୟନ୍ତ ଜରୁରି ହୋଇପଡିଛି । ଜଣେ ସରକାରୀ ଅଧିକାରୀ କହିଛନ୍ତି, ଘରୋଇ କମ୍ପାନିଗୁଡିକୁ ବିଦେଶରେ ଖଣିଜ ବ୍ଲକ ଅଧିଗ୍ରହଣ କରିବା, ଖଣି ଖନନ, ଅର୍ଦ୍ଧ ପ୍ରକ୍ରିୟାକରଣ ଏବଂ କଞ୍ଚାମାଲକୁ ଭାରତ ଆଣିବା ଉପରେ ମଧ୍ୟ ସରକାର କାମ କରୁଛନ୍ତି । ଉଲ୍ଲେଖଯୋଗ୍ୟ, ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦକୁ ଅସ୍ତ୍ର କରା ନ ଯାଉ । ଏହା ବିଶ୍ୱର ସାମଗ୍ରିକ ପ୍ରଗତିରେ ବାଧା ସୃଷ୍ଟି କରୁଛି ।



## (ନିରପେକ୍ଷ ଶାସନ ପଦ୍ଧତି)
## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ ଠାକୁର ସମସ୍ତଙ୍କ କଥା ଶୁଣନ୍ତି ଓ ବୁଝନ୍ତି
## ପାଠ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏହି ପାଠକୁ ନେଇ କେଉଁ କାଳୁ କେତେ କଳ୍ପନା ଚାଲିଛି ତାର ଆଦି ଅନ୍ତ ମଧ୍ୟ ନାହିଁ । ତେଣୁ ହେ ସୁଧିଜନ ପ୍ରଥମେ ବିଚାରକୁ ନିଅ ଏ ପାଠ କ'ଣ ? ପାଠ ହେଉଛି ଦୁଇଟି ଅକ୍ଷର(୧) ପା (୨) ଠ ପାଦଠାରୁ ମସ୍ତକକୁ ବୁଝାଯାଏ । ଏହି ପାଠର ଦୂରତ୍ୱ ହେଉଛି ଚଉରାଶି ଆଙ୍ଗୁଳ ବା ତିନି ହାତେ ଅଧେ । ପା ଠାରୁ ଠ ପର୍ଯ୍ୟନ୍ତ ପଚାଶ ଦଳ ପଦ୍ମ ପାଖୁଡା ଭିତରେ ଆତ୍ମାର ଅବସ୍ଥିତି ଏବଂ ତା ଭିତରେ ଜୀବ ପରମ ଦୁଇଟି ପକ୍ଷୀ ବାସ କରି ସଦାସର୍ବଦା ହଂସ ସୂତ୍ରରେ ନିଜକୁ ହଜାଇ ଦେଇଥାନ୍ତି ଏବଂ ପ୍ରତ୍ୟେହ ଏକୋଇଶି ହଜାର ଛଅ ଶହ ଅଜପା ସୂତ୍ରକୁ ଧରି ସେ ତାଙ୍କର ଗତି କରୁଥାଆନ୍ତି । ତେଣୁ ଜୀବ ଯେତେବେଳେ ଏହି ପାଠ ଭିତରେ ମନକୁ ପୁରାଇଦିଏ ସେତେବେଳେ ଜିବ ଶିବ ପାଲଟିଯାଏ । ସେତେବେଳେ ସେ କୁହେ ସୋହଂ ଏହାହିଁ ପ୍ରକୃତ ପାଠ ଏହାହିଁ ଜଗତରେ କଲ୍ୟାଣ କର ସୋପାନ । ଏହି ସୋପାନ ରେ ଯେ ଉପନୀତ ହୁଏ ସେହିଁ ପ୍ରକୃତ ବ୍ରହ୍ମଜ୍ଞାନୀ ବା ପରମହଂସ ପଦବୀର ଅଧିକାରୀ ସାରା ବିଶ୍ୱର ସେ ତ୍ରାଣ କର୍ତ୍ତା ବା ପ୍ରାଣକର୍ତ୍ତା ଏହାହିଁ ପ୍ରକୃତ ପାଠର ରହସ୍ୟ । କିନ୍ତୁ ଆଜି କାଲିର ପାଠ ସେ ବୈଶୟିକ ବିଦ୍ୟା,ରୋଜଗାରର ପନ୍ଥା । ପାଠ ଓ ବିଦ୍ୟା ଭିତରେ ଆକାଶ ପାତାଳର ପ୍ରଭେଦ । ତେଣୁ ପାଠ କହୁଛି ମଲାବେଳକୁ ଛଖଣ୍ଡ ବାଉଁଶ ସେ ଛଅଖଣ୍ଡ ବାଉଁଶ ହେଉଛି ପା ଠାରୁ ଠ ପର୍ଯ୍ୟନ୍ତ ଷଡଚକ୍ର । ବ୍ରହ୍ମ ପାଇବାର ମାର୍ଗ, ଏହାହିଁ ଜୀବର ଧର୍ମ ଏବଂ ଏହାହିଁ ପାଠ । ହରିଓଁ ।

# କେରଳର ରାଜ୍ୟପକ୍ଷୀ : ବୃହତ ଚିତ୍ରିତ କୋଚିଲାଖାଇ



ଡ.ବିଜୟ କେତନ ପଟ୍ଟନାୟକ
ପ୍ରାକ୍ତନ ମୁଖ୍ୟ ସଂପାଦକ,
ବିଜ୍ଞାନ ଦିଗନ୍ତ
ମୋ-୯୪୩୭୦୦୦୯୦୪

ବୃହତ ଚିତ୍ରିତ କୋଚିଲାଖାଇ,ବୃହତ ଭାରତୀୟ କୋଚିଲାଖାଇ ନାମରେ ମଧ୍ୟ ପରିଚିତ। କାରଣ କୋଚିଲାଖାଇ ପକ୍ଷୀ ପରିବାର ମଧ୍ୟରେ ଏମାନଙ୍କର ସଂଖ୍ୟା ଅଧିକ । ପକ୍ଷୀଟିର ସାଧାରଣ ଇଂରାଜୀ ନାମ "ଗ୍ରେଟ୍ ହର୍ଣ୍ଣବିଲ"। ବୈଜ୍ଞାନିକ ନାମ ବୁକେରସ ବାଇକର୍ଣ୍ଣିସ । ଓଡିଆନାମ କୋଚିଲାଖାଇ ବା ଧନେଶ । ହିନ୍ଦିନାମ ଧନଚିରି । ପକ୍ଷୀଟିର ବଂଶ ହେଉଛି ବୁକେରୋଟିଡେ । ଇଂରାଜୀରେ ଏହି ପକ୍ଷୀକୁ ହର୍ଣ୍ଣବିଲ୍ କୁହାଯାଏ । କାରଣ ପକ୍ଷୀର ଥଣ୍ଟଟି ଦେଖିବାକୁ ଶିଙ୍ଗବାଦ୍ୟ ପରି । ଏହି ପକ୍ଷୀଟି ଉଭୟ କେରଳ ଓ ଅରୁଣାଞ୍ଚଳ ପ୍ରଦେଶର ରାଜ୍ୟପକ୍ଷୀ ।

ବ୍ୟାପ୍ତି ଓ ବିସ୍ତୃତି-କୋଚିଲାଖାଇ ପକ୍ଷୀ ଦକ୍ଷିଣ ପୂର୍ବ ଏସିଆରେ ଦେଖିବାକୁ ମିଳନ୍ତି । ବିଶେଷ କରି ଭାରତ, ଭୂଟାନ, ନେପାଳ, ଥାଇଲ୍ୟାଣ୍ଡ, ଇଣ୍ଡୋନେସିଆ ଏବଂ ସୁମାତ୍ରା ଦ୍ୱୀପର ଜଙ୍ଗଲରେ ଏମାନଙ୍କୁ ଦେଖିବାକୁ ମିଳେ । ଭାରତ ଉପମହାଦେଶରେ ହିମାଳୟ ପାଦଦେଶରେ ଉତ୍ତର ପୂର୍ବାଞ୍ଚଳରେ , ଦକ୍ଷିଣ-ପଶ୍ଚିମ ଭାରତର ଜଙ୍ଗଲ ଓ ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳରେ ଏବଂ ବିଶେଷ କରି ଘଞ୍ଚ ଜଙ୍ଗଲରେ ବୃହତ କୋଚିଲା ଖାଇ ପକ୍ଷୀ ଛୋଟ ଛୋଟ ଦଳରେ ଦେଖିବାକୁ ମିଳନ୍ତି । ସାରା ବିଶ୍ୱରେ ୪୦ ପ୍ରଜାତିର କୋଚିଲାଖାଇ ଚଢେଇ ଅଛନ୍ତି । ଆମ ଦେଶରେ ମଧ୍ୟ ଆଠ, ନଅ ପ୍ରକାରର କୋଚିଲାଖାଇ ପକ୍ଷୀ ଦେଖିବାକୁ ମିଳିଥାଏ । ଓଡିଶାରେ ମଧ୍ୟ ତିନି ପ୍ରଜାତିର ପକ୍ଷୀ ଅଛନ୍ତି । ସେମାନେ ହେଲେ କୋଚିଲାଖାଇ, ମାଲାବାର କୋଚିଲାଖାଇ ଓ ଧୂସର କୋଚିଲାଖାଇ । ସାଧାରଣତଃ ପାହାଡିଆ ଅଞ୍ଚଳର ପୁରାତନ ଘଞ୍ଚ ଜଙ୍ଗଲରେ ରହିବାକୁ ଏମାନେ ଅଧିକ ପସନ୍ଦ କରିଥାନ୍ତି । କିନ୍ତୁ କ୍ରମଶଃ ଅବକ୍ଷୟ ହେତୁ ଜଙ୍ଗଲ ପତଳା ହୋଇ ଯାଉଥିବାରୁ ବାସସ୍ଥଳୀ ସଙ୍କୁଚିତ ହୋଇଯାଉଛି । ଏହା ବ୍ୟତୀତ ପକ୍ଷୀଟିର ହାଡ ଓ ମାଂସର ଔଷଧୀୟ ଦ୍ରବ୍ୟ ଗୁଣ ହେତୁ ଶିକାରୀ ମାନଙ୍କର ଲୋଲୁପ ଦୃଷ୍ଟିରୁ ଏମାନେ ବର୍ତ୍ତି ପାରନ୍ତି ନାହିଁ । ଏହି କାରଣରୁ ଏମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି ।

ଆକୃତି-ବୃହତ କୋଚିଲାଖାଇ ମାଟିଆ ଚିଲ ଠାରୁ ଆକୃତିରେ ବଡ । ସାଧାରଣତଃ ପୁରୁଷ ପକ୍ଷୀ, ମାଇ ପକ୍ଷୀଠାରୁ ଦେଖିବାକୁ ବଡ । ଶରୀରର ଓଜନ ୨ରୁ ୪ କିଲୋଗ୍ରାମ ଏବଂ ଲମ୍ବ ୯୫ ରୁ ୧୩୦ ସେଣ୍ଟିମିଟର । ହାରାହାରି ଦେଖିଲେ ଏମାନେ ୧୨୫ ସେଣ୍ଟିମିଟର ଲମ୍ବା ହୋଇଥାନ୍ତି । ଭାରତର ବିଭିନ୍ନ ଅଞ୍ଚଳରେ ଦେଖାଯାଉଥିବା କୋଚିଲାଖାଇ ପକ୍ଷୀମାନଙ୍କର ଆକୃତିରେ କିଛିଟା ପାର୍ଥକ୍ୟ ଦେଖିବାକୁ ମିଳେ । ଦକ୍ଷିଣ ଭାରତ ଓ ପଶ୍ଚିମଘାଟ ଅଞ୍ଚଳରେ ଦେଖାଯାଉଥିବା ପକ୍ଷୀମାନଙ୍କ ତୁଳନାରେ ହିମାଳୟ ପାଦଦେଶରେ ଦେଖାଯାଉଥିବା ପକ୍ଷୀମାନେ ଆକାରରେ ବଡ । ପକ୍ଷୀର ଥଣ୍ଟଟି ବେଶ୍ ଲମ୍ବା । ଥଣ୍ଟ ଉପରିଭାଗରେ ଦୁଇ କଡକୁ ଚେପ୍ଟା ଓ ଆଗକୁ ଗୋଜିଆ ହୋଇ ମୁକୁଟଟିଏ ଥାଏ । ଥଣ୍ଟ ଉପରର ଏହି ବର୍ଦ୍ଧିତ ଅଂଶକୁ କାସକ କୁହାଯାଏ। ଦେଖିବାକୁ ଏହି ଅଂଶଟି ଅବିକଳ କାଚ ସଦୃଶ । ମହୁଫେଣା ପରି ହାଲ୍କା, ସ୍ପଞ୍ଜ ପରି ନରମ ଏବଂ ଅସ୍ଥିତୁଲ୍ୟ ତନ୍ତୁ ଦ୍ୱାରା ଏହି ବର୍ଦ୍ଧିତ ଅଂଶଟି ଗଠିତ । କୋଚିଲାଖାଇ ପକ୍ଷୀର ଥଣ୍ଟର ବୈଶିଷ୍ଟ୍ୟ ହେଉଛି, ଏହାର ଉଜ୍ଜ୍ୱଳ ହଳଦିଆ ଓ କଳାରଙ୍ଗ । ଥଣ୍ଟକୁ ଦେଖି ପକ୍ଷୀଟିକୁ ଚିହ୍ନି ହୋଇଯାଏ । ପକ୍ଷୀଟିର ବେକ,ପିଠି ଓ ଡେଣା କଳା ରଙ୍ଗର, ଡେଣାର ଅଗ୍ରଭାଗ, ପେଟ, ତଳପେଟ ଧଳା, ଲାଞ୍ଜର ବାହାର ପାଖର ପର କଳା ଓ ଅଗ୍ରଭାଗରେ ଧଳା ଚିହ୍ନ ଥାଏ । ବୈଜ୍ଞାନିକ ଭାଷାରେ ମଧ୍ୟ ଦୁଇ ଶିଙ୍ଘ ବିଶିଷ୍ଟ ଗଣ୍ଡା ଭଳି ଏହାକୁ ଦୁଇଥଣ୍ଟିଆ ପକ୍ଷୀ କୁହାଯାଇଛି ।

ଖାଦ୍ୟ-ବଣ, ଜଙ୍ଗଲରେ ମିଳୁଥିବା ବର, ଓସ୍ତ ଓ ଡିମିରି ଫଳ ସେମାନଙ୍କର ପ୍ରିୟ ଖାଦ୍ୟ । ଶରୀର ପାଇଁ ପାନୀୟ ଜଳର ଆବଶ୍ୟକତା, ଫଳ ଆହରଣରୁହିଁ ସେମାନେ ମେଣ୍ଟାଇଥାନ୍ତି ଆମ ରାଜ୍ୟ ଓଡିଶାରେ ଏକଦା କୋଚିଲା ବଣ ମାନଙ୍କରେ ଏହି ଚଢେଇ ଦେଖାଯାଉଥିଲେ । କୋଚିଲା ପରି ବିଷାକ୍ତ ଫଳକୁ ଖାଇ ମଧ୍ୟ ସେମାନେ ହଜମ କରି ଦେଉଥିଲେ ବୋଲି କଥିତ ଅଛି । ତେଣୁ ଓଡିଆରେ ଏହାର ନାମ କୋଚିଲାଖାଇ ରଖାଯାଇଛି । ଫଳ ଓ କୋଳି ଖାଇବା ସଂଗେ ସଂଗେ ଏମାନେ ମାଂସାହାରୀ ମଧ୍ୟ । ମୂଷା, ଝିଣ୍ଟିକା, ଝିଟିପିଟି, ଏଣ୍ଡୁଅ ଏବଂ ଛୋଟ ଛୋଟ ସରୀସୃପ ମଧ୍ୟ ଏମାନଙ୍କର ପ୍ରିୟ ଖାଦ୍ୟ । ଗଛ କୋରଡ ଭିତରୁ ଛୋଟ ଛୋଟ ପକ୍ଷୀମାନଙ୍କୁ ଭିଡିଆଣି କୋଚିଲାଖାଇ ଚଢେଇ ଖାଇ ଦେଇଥାଏ । ଫଳ ମୁଖ୍ୟ ଆହାର ହୋଇଥିବାରୁ ଏହି ପକ୍ଷୀ ଜୀବ ବିକ୍ଷେପ କରି ଗଛ ମାନଙ୍କର ବଂଶ ବୃଦ୍ଧିରେ ସାହାଯ୍ୟ କରିଥାଏ ।

ଆଚାର ବ୍ୟବହାର-ଦଳ ମଧ୍ୟରେ ରହିବାକୁ କୋଚିଲାଖାଇ ଚଢେଇ ଭଲ ପାଇଥାଏ । ଚାରି, ପାଞ୍ଚଟି ପକ୍ଷୀ ମିଶି ଛୋଟ ଛୋଟ ଦଳରେ ରୁହନ୍ତି । ସେଥିରେ ଜଣେ ଦଳପତି ଥାଏ । ଦଳପତିକୁ ଅନୁସରଣ କରି ସେମାନେ ଗୋଟିଏ ଗଛରୁ ଅନ୍ୟ ଗଛକୁ ଉଡିଯାନ୍ତି ଦଳବଦ୍ଧ ହୋଇ କୋଳି, ଫଳ ସଂଗ୍ରହ କରନ୍ତି । ଉଡିବା ସମୟରେ ସେମାନେ ଡେଣା ଫଡ ଫଡ କରି ଉଡନ୍ତି । ବେଶ୍ ଦୂରରୁ ମଧ୍ୟ ଏହି ଉଡିବା ଶବ୍ଦ ଶୁଣାଯାଏ। ସେମାନଙ୍କର ଉଡିବା ଠାଣି ମଧ୍ୟ ଭିନ୍ନ ଧରଣର । ଉପର ତଳ ହୋଇ ଆହୁଲା ମାରିବା ସମୟରେ ପାଣିରେ ତରଙ୍ଗ ସୃଷ୍ଟି ହେଲାଭଳି, ପବନରେ ଢେଉ କାଟି ସେମାନେ ଉଡିଥାନ୍ତି । ବୃହତ୍ କୋଚିଲା ଖାଇ ଚଢେଇ ଅନେକ ଦିନ ପର୍ଯ୍ୟନ୍ତ ବଞ୍ଚନ୍ତି । ବନ୍ଦୀ ଭାବରେ ସେମାନଙ୍କର ଜୀବନ ଅବଧି ୫୦ ବର୍ଷ । ସାଧାରଣତଃ ମାଇ କୋଚିଲାଖାଇ ପକ୍ଷୀକୁ ଗଛ କୋରଡରୁ ଧରିବା ଓ ଆବଦ୍ଧ କରି ରଖିବା ସହଜ ହୋଇଥାଏ। କିନ୍ତୁ ଆବଦ୍ଧ କରି ରଖିଲେ, ପ୍ରଜନନର ସମ୍ଭାବନା ବହୁତ କମ୍ । କାଳେ ସହଜରେ ପୁରୁଷ ପକ୍ଷୀ ମିଳନ୍ତି ନାହିଁ। ଅଧିକ ସଂଖ୍ୟକ ବଡ ବଡ ଗଛଥିବା ଜଙ୍ଗଲରେ କୋଚିଲାଖାଇ ବାସ କରେ । ରହିବା ପାଇଁ ସବୁଠାରୁ ଉଚ୍ଚତାରେ ଥିବା ଗଛ ଡାଳ ଏମାନଙ୍କର ଅଧିକ ପସନ୍ଦ । ଯେତେ ଦୂରକୁ ଯାଇଥିଲେ ମଧ୍ୟ ପକ୍ଷୀମାନେ ସୂର୍ଯ୍ୟାସ୍ତ ପୂର୍ବରୁ ବସାକୁ ଫେରି ଆସନ୍ତି ଓ ବିଶ୍ରାମ ନିଅନ୍ତି ।

ପ୍ରଜନନ ଋତୁ-ସାଧାରଣତଃ ଜାନୁୟାରୀ ମାସ ଠାରୁ ଏପ୍ରିଲ ମାସ, କୋଚିଲାଖାଇ ପକ୍ଷୀମାନଙ୍କର ପ୍ରଜନନ ଋତୁ । ଏହି ସମୟରେ ପୁରୁଷ ପକ୍ଷୀମାନେ ଅଧିକ କଳରବ କରିଥାନ୍ତି ଖୁବ୍ ଜୋରରେ କୋକ୍ କୋକ୍ ଶବ୍ଦ କରି ମାଇ ପକ୍ଷୀକୁ ଆମନ୍ତ୍ରଣ କରନ୍ତି । ତାପରେ ଉଭୟ ଦ୍ୱୈତ୍ୟ ନୃତ୍ୟ କଲାପରି ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି । ଶୁଆ, ବଣି ବା କାଠ ହଣା ଚଢେଇ ପରି, କୋଚିଲାଖାଇ ମଧ୍ୟ ଅଣ୍ଡା ଦେବାପାଇଁ ସ୍ୱତନ୍ତ୍ର ଭାବେ ବସା ପ୍ରସ୍ତୁତ କରେନାହିଁ ସାଧାରଣତଃ ମାଇପକ୍ଷୀ ଅଣ୍ଡା ଦେବା ପାଇଁ ଗଛର କୋରଡ ଖୋଜି ବୁଲେ । ଅଣ୍ଡା ଦେବାପରେ ବାହାରୁ ଅଣ୍ଡିରା ପକ୍ଷୀ ଓ ଭିତରୁ ମାଇ ପକ୍ଷୀ ମିଶି କୋରଡର ବାଟ ବନ୍ଦ କରିଦିଅନ୍ତି । ମାଈ ପକ୍ଷୀଟି କୋରଡ ଭିତରେ ରହିଥାଏ । କୋରଡର ବାଟ ବନ୍ଦ କରିବା ପାଇଁ ସେମାନେ କାଦୁଅ ବା ନିଜର ମଳ ବ୍ୟବହାର କରନ୍ତି । ବାହାରୁ ଦେଖିଲେ ବସାଟି ଗଛ ସହିତ ମିଶି ଯାଇଥାଏ । କେବଳ ଗୋଟିଏ ଜଳା ବାଟ ଥାଏ । ଏହି ବାଟ ଦେଇ ଅଣ୍ଡିରା ପକ୍ଷୀଟି ଫଳ ଓ ଆହାର ସଂଗ୍ରହ କରି ଆଣି ମାଇ ପକ୍ଷୀକୁ ଖାଇବାକୁ ଦିଏ । ଦୁହେଁ ସାରା ଜୀବନ ଏକାଠି ରୁହନ୍ତି ।

ମାଇ ପକ୍ଷୀଟି ଥରକେ ଗୋଟିଏରୁ ତିନୋଟି ଅଣ୍ଡା ଦେଇଥାଏ । ଅଣ୍ଡାର ରଙ୍ଗ ଫିକା ଧଳା । ଅଣ୍ଡା ଉଷୁମେଇବାକୁ ପ୍ରାୟ ୩୫ରୁ ୪୦ଦିନ ସମୟ ଲାଗିଥାଏ । ଏହାପରେ ଅଣ୍ଡାରୁ ଛୁଆ ଫୁଟି ବାହାରନ୍ତି । ଛୁଆମାନେ ପ୍ରାୟ ସପ୍ତାହକ ଉପରେ ହୋଇଗଲେ ବାପା ଓ ମା ପକ୍ଷୀ ଦୁହେଁ ମିଶି ବାଟଟିକୁ କାଟି କାଟି ବଡ କରିଦିଅନ୍ତି । ମା ପକ୍ଷୀ ବାହାରି ଆସିଲା ପରେ ଛୁଆମାନେ ପୁନଶ୍ଚ ଭିତରୁ କେବଳ ଜଳା ବାଟଟି ଛଡା ଅନ୍ୟ ଖୋଲା ଅଂଶକୁ ଭିତରୁ ବନ୍ଦ କରିଦିଅନ୍ତି । ଅନ୍ୟ ପକ୍ଷୀ ଓ ଜୀବଜନ୍ତୁ କାଳେ ଅଣ୍ଡା ବା ଛୁଆକୁ ଖାଇଯିବେ, ସେଥିପାଇଁ ମାଆର ଏ ବନ୍ଦୀ ଜୀବନ । ପ୍ରାୟ ଦେଢ ମାସ କାଳ ମାଆ ପକ୍ଷୀଟି ଛୁଆ ମାନଙ୍କ ପାଇଁ ଗୃହବନ୍ଦୀର ଜୀବନଯାପନ କରେ । ଏହି ସମୟରେ ମାଈ ପକ୍ଷୀର ପର ସବୁ ଝଡିଯାଏ ଓ ସେ ଦୁର୍ବଳ ହୋଇପଡେ । ବାପା ପକ୍ଷୀ ମଧ୍ୟ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ମାଆ ଓ ଛୁଆଙ୍କୁ ଖାଦ୍ୟ ଯୋଗାଉଥାଏ । ଆଉ କିଛିଦିନ ପରେ ଛୁଆମାନଙ୍କର ଟିକିଏ ବଳ ହୋଇଗଲେ, ସେମାନେ ମଧ୍ୟ ବାହାରକୁ ବାହାରି ଆସନ୍ତି । ଦୁଇ ବର୍ଷ ପର୍ଯ୍ୟନ୍ତ ଛୁଆମାନଙ୍କର ଥଣ୍ଟରେ ମୁକୁଟ ବା କାସକ ସ୍ପଷ୍ଟ ହୋଇନଥାଏ ।

ସଂକଟ ଓ ସଂରକ୍ଷଣ ସ୍ଥିତି- ପୁରୁଣା, ପ୍ରାକୃତିକ ଜଙ୍ଗଲର ଅବକ୍ଷୟ ହେତୁ ବାସସ୍ଥଳୀର ସଂକୋଚନ ବୃହତ୍ କୋଚିଲାଖାଇ ପକ୍ଷୀଙ୍କର ସଂଖ୍ୟା ହ୍ରାସର ପ୍ରମୁଖ କାରଣ । ଅନ୍ୟ କାରଣଟି ହେଉଛି, ଶିକାରୀ ମାନଙ୍କର ଲୋଲୁପ ଦୃଷ୍ଟି । ଆଣ୍ଠୁଗଣ୍ଠି ବାତ ଓ ଆମ ବାତ ରୋଗର ଉପଶମ ପାଇଁ ଏହାର ହାଡ ଓ ମାଂସର ସିଝାପାଣି ଔଷଧ ରୂପେ ବ୍ୟବହାର କରାଯାଏ । ତେଣୁ ଅନେକ ଶିକାରୀ କୋଚିଲାଖାଇ ପକ୍ଷୀକୁ ମାରି ତାର ମାଂସକୁ ସିଝାଇ ତେଲ ବାହାର କରି ଚଢା ଦାମରେ ବିକ୍ରି କରିବାର ଦେଖାଯାଏ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ଆଦିମ ଜନଜାତି ସଂପ୍ରଦାୟର ଲୋକମାନେ ପକ୍ଷୀ ଶିକାର କରି ଏହାର ଲମ୍ବ ଥଣ୍ଟ ଓ ମୁଣ୍ଡର ଖପୁରୀକୁ ଗୃହର ସାଜସଜ୍ଜା ପାଇଁ ବ୍ୟବହାର କରନ୍ତି । ଏହି ପକ୍ଷୀକୁ ସେମାନେ ସାମୁହିକ ନୃତ୍ୟଗାନ ବେଳେ ପରଚୂଳା ଭାବେ ବ୍ୟବହାର କରିଥାନ୍ତି । କେତେକ ସଂପ୍ରଦାୟଙ୍କର ଛୋଟ ପକ୍ଷୀର ମାଂସ ଏକ ମନୋମତ ଖାଦ୍ୟ ।

ଆଇ.ୟୁ.ସି.ଏନ(ଇଣ୍ଟରନ୍ୟାସନାଲ ୟୁନିଅନ ଫର କଞ୍ଜରଭେସନ୍ ଅଫ୍ ନେଚର)କର୍ତ୍ତୃକ ପ୍ରକାଶିତ "ରେଡଡାଟା" ବହିରେ ବୃହତ କୋଚିଲାଖାଇ ପକ୍ଷୀକୁ ଅସୁରକ୍ଷିତ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ସି.ଆଇ.ଟି.ଇ.ଏସର ଆପେଣ୍ଡିକ୍ସ ୧ ସୂଚୀରେ ଥିବାରୁ ଏହାର ଆନ୍ତର୍ଜାତିକ ଚୋରାଚାଲାଣ ଉପରେ ମଧ୍ୟ ପ୍ରତିବନ୍ଧକ ରହିଛି । ଭାରତୀୟ ବନ୍ୟପ୍ରାଣୀ ଅଧିନିୟମରେ ପ୍ରଥମ ଖସଡାଭୁକ୍ତ ହୋଇଥିବାରୁ ପକ୍ଷୀ ଶିକାର ନିମନ୍ତେ କଠୋର ଦଣ୍ଡର ପ୍ରାବଧାନ ରହିଛି । ନେପାଳ ଏବଂ ତାର ପାଖ ଆଖ ଇଲାକାରେ ଏହି ପକ୍ଷୀକୁ ଜଙ୍ଗଲର ରାଜା ବୋଲି କୁହାଯାଏ ।

# ପଛୁଆ ବର୍ଗ ଓ ଦୁର୍ବଳ ଶ୍ରେଣୀର ସାମାଜିକ ନିରାପତ୍ତା, ସମାନତା ଓ ଉଥାନ ପାଇଁ ଏକ ଅଭିନବ ପ୍ରୟାସ

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ - ସାମାଜିକ ଜନମଞ୍ଚ
(ଭାରତ)
ଛତ୍ରପୁର,
ଗଞ୍ଜାମ- ୭୬୧୦୨୦
ମୋ: ୯୪୩୭୩୨୪୯୧୭

ଇଂରେଜ ଶାସନ ସମୟରେ ୧୮୮୧-୮୨ ମସିହାରେ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ ଓ ଇଂରେଜ ଶିକ୍ଷା ଆୟୁକ୍ତ ସାର ଉଇଲିଅମ ହଣ୍ଟରଙ୍କ ମିଳିତ ଉଦ୍ୟମରେ ଦେଶର ଗ୍ରାମୀଣ, ପଛୁଆ ବର୍ଗ ପିଲାଙ୍କ ନିଶ୍ଚିତ, ଦେୟମୁକ୍ତ ଶିକ୍ଷା ଏବଂ ନିଯୁକ୍ତି ବ୍ୟବସ୍ଥା ଉପରେ ଆରକ୍ଷଣ ଅବଧାରଣା ପ୍ରସ୍ତାବିତ ହୋଇଥିଲା । ୧୯୦୨ ମସିହାରେ କୋହ୍ଲାପୁରର ରାଜା ଛତ୍ରପତି ଶାହୁ ମହାରାଜ, ଅବ୍ରାହ୍ମଣ ଓ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୫୦ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଅଭିନୀତ କରିଥିଲେ । ୧୯୨୧-୨୭ ରେ ମାଡ୍ରାସ ଓ ମଇଶୁର ରାଜ୍ୟରେ ଅବ୍ରାହ୍ମଣ, ମୁସଲିମ ଓ ପଛୁଆ ବର୍ଗଙ୍କ ବିଶେଷ ସାମ୍ପ୍ରଦାୟିକ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇ ଥିଲା । ୧୯୩୨-୩୩ରେ ଇଂରେଜ ସରକାର ପଛୁଆ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସାମ୍ପ୍ରଦାୟିକ ନିର୍ବାଚନ କ୍ଷେତ୍ର ଘୋଷଣା କରିଥିଲେ ଯାହା ମହାତ୍ମାଗାନ୍ଧୀ ଏବଂ ଆମ୍ବେଦକରଙ୍କ ଉଦ୍ୟମରେ ଆରକ୍ଷଣ ଜଡିତ ମିଳିତ ନିର୍ବାଚନୀ କ୍ଷେତ୍ରରେ ପରିବର୍ତ୍ତନ କରାଯାଇ ଥିଲା । ଭାରତ ସ୍ୱାଧୀନତା ପରବର୍ତ୍ତୀ ୧୯୫୧ ମସିହାରେ ଆର୍ଟିକଲ ୧୫(୪) ଏବଂ ୧୬(୪) ଆଧାରରେ ହରିଜନ, ଆଦିବାସୀ ଏବଂ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ରାଜ୍ୟସ୍ତରୀୟ କ୍ଷମତାରେ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇ ଥିଲା ଯେଉଁଥିରେ ସବର୍ଣ୍ଣ କିମ୍ବା ଅବ୍ରାହ୍ମଣଙ୍କ କଥା ଉଲ୍ଲେଖ ନାହିଁ । ୧୯୯୦ ମସିହାରେ କେନ୍ଦ୍ର ସରକାରୀ ନିଯୁକ୍ତିରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ମଣ୍ଡଳ କମିଶନ ୨୭ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଲାଗୁ କରିଥିଲେ। ତାପରେ ଭିନ୍ନ ଭିନ୍ନ ସରକାରଙ୍କ ସମୟରେ ଅନେକ ପରିବର୍ତ୍ତନ ହୋଇଛି ଏବଂ ହେଉଛି ମଧ୍ୟ ଯାହା ବର୍ତ୍ତମାନର ସ୍ଥିତି ସମସ୍ତେ ଜାଣିଛନ୍ତି ତାରି ଉପରେ ବିଶେଷ ଆଲୋଚନା କରିବା ନାହିଁ । ଲୋକଙ୍କ ବିଚାର ଏବଂ ସାମ୍ବିଧାନିକ ଆଇନ ମଧ୍ୟରେ କୌଣସି ପ୍ରଭେଦ ରହିଛି, କିମ୍ବା ସ୍ୱାଧୀନତା ପୂର୍ବବର୍ତ୍ତୀ ସାମାଜିକ ପରିସ୍ଥିତି, ପରିବେଶ ଏବଂ ଆଜି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ସାମାଜିକ ପରିବେଶର ମାନସିକତା ମଧ୍ୟରେ କୌଣସି ଅନ୍ତର ରହିଛି କି ନାହିଁ ତାରି ଉପରେ ଏକ ବିଶେଷ ଆଲୋଚନା ମାତ୍ର । ଏହା କେବଳ ଲୋକଙ୍କ ଶିକ୍ଷଣୀୟତା ତଥା ବିଚାର ଉପରେ ଏକ ସଚେତନତା ମୂଳକ ଉପସ୍ଥାପନା । ଏହା କୌଣସି ସାମ୍ପ୍ରଦାୟିକ ବିଚାର ହେଉ କି ସରକାରୀ ଯୋଜନାର ସମାଲୋଚନା କିମ୍ବା ଉପଦେଶାତ୍ମକ ବ୍ୟାଖ୍ୟା ପାଇଁ ଉଦ୍ଦିଷ୍ଟ ନୁହେଁ । କୌଣସି ମତଭେଦ କିମ୍ବା ତ୍ରୁଟି ମାର୍ଜନା ଜନିତ ଆଲୋଚନା ସ୍ୱାଗତଯୋଗ୍ୟ ।

ଏଠାରେ ଗୋଟିଏ ବିଷୟ ମନକୁ ଆସେ ଯେ ପ୍ରଥମେ ୧୮୮୨ ମସିହାରେ ଜଣେ ଇଂରେଜ ଏବଂ ଆମ ଦେଶର ଜଣେ ସମାଜ ସଂସ୍କାରକଙ୍କ ମନରେ ଭାରତର ପଛୁଆ ବର୍ଗର ଲୋକଙ୍କ ପାଇଁ ନିଶ୍ଚିତ ଏବଂ ଦେୟମୁକ୍ତ ଶିକ୍ଷା ଓ ନିଯୁକ୍ତି ଉପରେ ଆରକ୍ଷଣ ବିଚାର ଆସିଲା । କାଳକ୍ରମେ ସେହି ବ୍ୟବସ୍ଥା ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତିତ ହୋଇ ଆଜି ଆସି ଯେଉଁ ସ୍ତରରେ ପହଁଚିଛି ସମସ୍ତେ ଜାଣନ୍ତି । ଆମ ଦେଶର ଜୀବନ ଶୈଳୀର ମାନ ଏବଂ ସାମାଜିକ, ବୈଜ୍ଞାନିକ ପ୍ରଗତିର ସ୍ତର ଆଜି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ପୃଥିବୀର ବିକଶିତ ରାଷ୍ଟ୍ର ଗୁଡିକୁ ତୁଳନା କଲେ ହୁଏତ ଆମେ ସେମାନଙ୍କ ଠାରୁ ୫୦୦ ବର୍ଷ ପଛରେ ରହିଥିବା ଅନୁମାନ ହେଉଛି ! ପ୍ରାୟ ପାଞ୍ଚ ଦଶକ ପୂର୍ବରୁ ଆମ ଦେଶରେ ଆନ୍ତଃ ସାମ୍ପ୍ରଦାୟୀକ (ଧର୍ମ ) ମତଭେଦ ୧୦୦/୧୦୦ ପ୍ରତିଶତ ରହିଥିବା ବେଳେ ହିନ୍ଦୁ ସାମ୍ପ୍ରଦାୟିକ ଆଭ୍ୟନ୍ତରୀଣ ଜାତିଗତ ବୈଷମ୍ୟତା ୮୦/୨୦ ପ୍ରତିଶତ ଏବଂ ତା ପୂର୍ବବର୍ତ୍ତୀ ସମୟରେ ତାହା ୯୯/୧ ପ୍ରତିଶତ ରହିଥିବା ଅନୁମାନ / ଅନୁଭବ ହେଉଛି । ବର୍ତ୍ତମାନ ଆମ ଦେଶରେ ସାମ୍ପ୍ରଦାୟିକ ଆଭ୍ୟନ୍ତରୀଣ ଜାତିଗତ ବୈଷମ୍ୟ ପ୍ରାୟତଃ ୧/୯୯ ପ୍ରତିଶତ ରହିଥିବ, କିନ୍ତୁ ଆର୍ଥିକ ବୈଷମ୍ୟ ୯୦/୧୦ ପ୍ରତିଶତ ରହିଥିବା ଆମର ଅନୁମାନ, ହୁଏତ ସମସ୍ତେ ଅନୁଭବ କରୁଥିବେ ବୋଲି ମନେ ହେଉଛି । ପ୍ରାକ ସମୟରେ ବର୍ଣ୍ଣଗତ ଉଚ୍ଚ ନୀଚ ଭେଦଭାବ ପ୍ରଚଣ୍ଡ ମାତ୍ରାରେ ରହିଥିବା ସହିତ ଆର୍ଥିକ ଅସମାନତା ମଧ୍ୟ ପ୍ରାୟ ୯୯/ ୧ ରହିଥିବା ଅନୁମାନ ହେଉଛି । ରାଜା, ଜମିଦାର, ସାହୁକାରଙ୍କ ବ୍ୟତୀତ ଅନ୍ୟାନ୍ୟ ସବୁ ବର୍ଗ / ବର୍ଣ୍ଣର ଲୋକଙ୍କ ଆର୍ଥିକ ଅନାଟନ ପ୍ରାୟ ଏକା ସ୍ତରରେ ରହିଥିଲା । ପଛୁଆ ବର୍ଗ / ବର୍ଣ୍ଣର ଲୋକଙ୍କ ସାମାଜିକ ମାନ୍ୟତା ଅତ୍ୟନ୍ତ ଦୁର୍ବଳ ରହିଥିଲା କେବଳ ଜାତିଗତ କାରଣରୁ । ତେଣୁ ସେମାନଙ୍କୁ କୌଣସି ସାମାଜିକ କ୍ଷେତ୍ରରେ ଆଗକୁ ଯିବା ପାଇଁ ସୁଯୋଗ ଦିଆଯାଉ ନଥିବା ପ୍ରକାଶ କରିଥିଲେ ମହାମାନ୍ୟ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ । ସେ ସମୟରେ ମହାତ୍ମା ଗାନ୍ଧୀ ହୁଅନ୍ତୁ କିମ୍ବା ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ଠାରୁ ଆରମ୍ଭ କରି ଆହୁରି ଅନେକ ଜନମାନ୍ୟ ବ୍ୟକ୍ତିଗଣ ସେମାନଙ୍କ ସାମାଜିକ ସମାନତା ଅଧିକାର ପାଇଁ ସ୍ୱର ଉତ୍ତୋଳନ ପୂର୍ବକ ଆରକ୍ଷଣ ବ୍ୟବସ୍ଥା ଲାଗୁ କରିବାରେ ସଫଳ ହୋଇଥିଲେ । ତାହା ମଧ୍ୟ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଥିଲା ବୋଲି ଆମର ବିଚାର ।

ଊନବିଂଶ ଶତାବ୍ଦୀ ୧୮୮୨ର ଆରକ୍ଷଣର ପ୍ରାରମ୍ଭ ଠାରୁ ଆଜି ଏକବିଂଶ ଶତାବ୍ଦୀ ୨୦୨୬, ପ୍ରାୟ ଦେଢ଼ଶହ ବର୍ଷର ବ୍ୟବଧାନ ମଧ୍ୟରେ ଆମ ଦେଶର ସବୁ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ହୋଇଛି ତାର ମାନଦଣ୍ଡ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଆମ ଦେଶର ଶାସନ ବ୍ୟବସ୍ଥାରେ ବିକଶିତ ରାଷ୍ଟ୍ରଗୁଡିକ ଭଳି କୌଣସି ଆଖିଦୁରୁଶିଆ ପରିବର୍ତ୍ତନ / ଶୁଦ୍ଧାର / ସଂସ୍କାର ଆସିପାରିଲା ନାହିଁ ! କହିବାକୁ ଗଲେ ସମାଜର ସବୁ ଆଧାର ଗୁଡିକୁ ପଛରେ ପକାଇ ସର୍ବଜନଙ୍କ ବ୍ୟକ୍ତିଗତ ଆର୍ଥିକ ସ୍ୱାର୍ଥ ବିଚାର କେବଳ ଆମକୁ ଆଜି ପଶ୍ଚାତପଦ କରୁଥିବା ଅନୁଭବ ନାହିଁ କାହା ମନରେ । ସର୍ବସାଧାରଣ ୯୦ ପ୍ରତିଶତ ମଣିଷ ଆଜି କେବଳ ଦୈନିନ୍ଦିନ ଜୀବନ ଜୀବିକା, ଆର୍ଥିକ ଅନାଟନ ଜନିତ ମାନସିକ ଅସ୍ଥିରତା ପାଇଁ ବ୍ୟକ୍ତିଗତ ସ୍ତରରେ ରହିଥିବା କଷ୍ଟଦାୟକ ଅନୁଭୂତି ପ୍ରତ୍ୟେକ ମଣିଷଙ୍କ ମନରେ ଆନ୍ଦୋଳିତ ହେଉଥିବା ବୁଝୁଥିବେ ସେମାନେ ନିଜ ସ୍ତରରେ । ୧୦ ପ୍ରତିଶତ ଲୋକଙ୍କ ଆର୍ଥିକ ଅତିପ୍ରବାହ କାରଣରୁ ଔଦ୍ଧତ୍ୟର ସୀମା ନାହିଁ, ଏ କଥାରେ କୌଣସି ଦ୍ୱିମତ ନାହିଁ । ଅନେକ ସାମାଜିକ କାରଣ ବ୍ୟତୀତ କେବଳ ଆରକ୍ଷଣ ଉପରେ ବିଚାର କରି ଦେଖିଲେ ହୁଏତ ତାର ପ୍ରଭାବ ଜନିତ ପରିବର୍ତ୍ତନ ବ୍ୟାପକ ହୋଇଥିବା ଦେଖିବାକୁ ମିଳୁଛି ।

ଏମିତିକି ପୂର୍ବକାଳର ତଥାକଥିତ ସବର୍ଣ୍ଣ ବ୍ରାହ୍ମଣ ଯିଏ ସାମାନ୍ୟ ନୀଚ ଜାତିର ଛାଇ ପଡିଲେ ଗାଧୋଉଥିଲା ଆଜି ସିଏ ହରିଜନ, ଆଦିବାସୀ ସମ୍ପ୍ରଦାୟ ହାତରୁ ରାନ୍ଧି ପରସିଲେ ଖାଉଛି ହୋଟେଲରେ ! ଏହା କୌଣସି ଅଲୌକିକ, ଅବାସ୍ତବ ମନ୍ତବ୍ୟ ନୁହେଁ ବରଂ ୧୦୦ ପ୍ରତିଶତ ପ୍ରୟୋଗିକ ଆଖିଦେଖା ତତ୍ତ୍ୱ ଯାହା ସମସ୍ତେ ଜାଣନ୍ତି । ଅର୍ଥାତ ସମାଜରୁ ଜାତିଗତ ବିଦ୍ୱେଷଭାବ, ବୈଷମ୍ୟତା ୧ ପ୍ରତିଶତ କୋଉଠି ରହିଥାଇପାରେ କିନ୍ତୁ ୯୯ ପ୍ରତିଶତ ଦୂର ହୋଇଥିବା ସ୍ୱୀକାର୍ଯ୍ୟ । ଯେଉଁ ଉଦ୍ଦେଶ୍ୟରେ ଜାତିଗତ ବୈଷମ୍ୟତା ଦୂର କରିବା ଲକ୍ଷ୍ୟ ରଖି ଆରକ୍ଷଣ ବ୍ୟବସ୍ଥା କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଦ୍ୱିତୀୟତଃ ଆରକ୍ଷିତ ନିଯୁକ୍ତି ଏବଂ ରୋଜଗାର ସୁଯୋଗ ଜନିତ ଅନ୍ୟୁନ ୬୦-୮୦ ପ୍ରତିଶତରୁ ଅଧିକ ପଛୁଆ ବର୍ଗ ଜାତିର ମଣିଷ ସମୂହ ପ୍ରଚଣ୍ଡ ଆର୍ଥିକ ଅନାଟନ ଠାରୁ ଦୁରେଇ ରହୁଥିବା ଦେଖିବାକୁ ମିଳୁଛି । ତେଣୁ ସମାଜରେ ଜାତିଗତ ବୈଷମ୍ୟବାଦ ପ୍ରାୟ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତଥାପି ଆମେ ଜାତିଗତ ଆରକ୍ଷଣ ଦିନକୁ ଦିନ ବୃଦ୍ଧି କରି ଚାଲିଥିବା କାରଣରୁ ସମୀକ୍ଷା ସର୍ବସାଧାରଣ ନିଜ ନିଜ ସ୍ତରରେ କରନ୍ତୁ । କିନ୍ତୁ ସର୍ବଜନଙ୍କ ଆର୍ଥିକ ଦୁରାବସ୍ଥା ଜନିତ ଆରକ୍ଷଣ ଉପରେ ଆଲୋଚନା କେଲେ ଜାଣିହେବ ଯେ ବର୍ତ୍ତମାନ ସମୟରେ ଆମ ଦେଶରେ ଆରକ୍ଷଣ କେଉଁ ଆଧାରରେ ଆବଶ୍ୟକତା କରୁଛି ଏବଂ ତା ପାଇଁ କଣ ପଦକ୍ଷେପ ନିଆଯାଇଅଛି ବା ନିଆଯିବା କଥା ତାରି ଉପରେ ବିଚାର କରିବା ।

କି ଆବର୍ଣ୍ଣ କି ସବର୍ଣ୍ଣ , ଆର୍ଥିକ ଦୁରାବସ୍ଥାରେ ନିଷ୍ପେସିତ ଆଜି ବ୍ୟାପକ ସଂଖ୍ୟକ ମଣିଷଙ୍କ ମାନସିକ ଅସ୍ଥିରତା ଏବଂ ତଦ୍ଜନିତ ସାମାଜିକ, ଶାରୀରିକ କ୍ଳେଶର ସୀମା ନାହିଁ ! ସମାଜର ଅନ୍ୟୁନ ୧୦ ପ୍ରତିଶତ ମଣିଷ ସମ୍ପୂର୍ଣ୍ଣ ଆର୍ଥିକ ସ୍ୱଚ୍ଛଳତା ମଧ୍ୟରେ ରହି ଉନ୍ମାଦନାରେ ଉଚ୍ଛୁଳୁଛନ୍ତି ଯେଉଁଠି ଆଉ ୨୦ ପ୍ରତିଶତ ସାମାନ୍ୟ ସାଧାରଣ ସ୍ତରରେ ରହିଛନ୍ତି । ଅନ୍ୟ ପ୍ରାୟ ୭୦ ପ୍ରତିଶତ ଲୋକଙ୍କ ଦୈନନ୍ଦିନ ଜୀବିକା ବନ୍ଦ ହେଲେ ଆଧାର ବନ୍ଦ ହେବା ପରିସ୍ଥିତିରେ ଚାଲିଛି ଆମ ସମାଜ ! ଜନ ଗଣନା, ଭୋଟର ଗଣନାକୁ ପଛରେ ରଖି ଏହାର ଏକ ନିଖୁଣ ଗଣନା କରାଯିବା ଅତ୍ୟନ୍ତ ଆବଶ୍ୟକ ଯାହା ପ୍ରତି କାହାର ନିଘା ନାହିଁ । କାରଣ ଉଚ୍ଚ ସ୍ତରରେ ରହି ଶାସନ ପ୍ରଶାସନ କ୍ଷେତ୍ରରେ କାର୍ଯ୍ୟରତ ମଣିଷଙ୍କ ଏହା ଆବଶ୍ୟକ ନାହିଁ । ବରଂ ଏହା କରିବା ଦ୍ୱାରା ସେମାନଙ୍କୁ ତାର ଉତ୍ତରଦାୟୀ ହେବାକୁ ପଡିବ ଏବଂ ପ୍ରତିକାର କରିବାକୁ ହେବ ବୋଲି ବିଚାରି ଏହି ଅତ୍ୟାବଶ୍ୟକ ବିଧିକୁ ସମ୍ପୂର୍ଣ୍ଣ ଉହ୍ୟ / ଅଣଦେଖା କରଯାଉଥିବା ଅନୁମାନ ହେଉଛି । ବିଭିନ୍ନ ସ୍ତରରେ ଅମାନବୀୟ, ଅନାବଶ୍ୟକ ପ୍ରଚାର ପ୍ରସାର କରି ଲୋକଙ୍କୁ ଅନ୍ଧକାର ମଧ୍ୟରେ ରଖି ଅଲୌକିକ ଆଶାରେ ନିମଜ୍ଜିତ କରି ଚାଲିଛି ଆମ ବ୍ୟବସ୍ଥା । କାହା କଥା କାହାକୁ ଜଣାପଡୁ ନାହିଁ କିମ୍ବା କେହି ଅନ୍ୟର ଅସୁବିଧାରେ ତତ୍ପରତା ଅନୁଭବ କରୁନାହାନ୍ତି । ସମସ୍ତେ ଏକ ରକମ ଏକକ ବିଚାରଧାରାରେ ରହି କେବଳ ନିଜସ୍ୱ ସ୍ୱାର୍ଥରେ ନିମଗ୍ନ ରହୁଥିବା ସମସ୍ତେ ବୁଝୁଛନ୍ତି । ତଥାପି ଏକ ଭାଇଚାରା ପୂର୍ଣ୍ଣ ପରିବେଶ ସୃଷ୍ଟି କରି ଜଣେ ଅନ୍ୟକୁ ସହଯୋଗର ହାତ ବଢ଼ାଇ ବଂଚିବା ପ୍ରୟାସ ପରିବର୍ତ୍ତେ ବୈମାତୃକ ମନୋଭାବ, ହିଂସାର ପରିବେଶରେ ରହୁଛନ୍ତି । ଏସବୁ ହେଉଛି କାହିଁକି, କରୁଛି କିଏ ଏବଂ ତାର ଉଦ୍ଦେଶ୍ୟ କଣ ସମସ୍ତେ ନିଜସ୍ୱ ଜ୍ଞାନ ପରିସର ମଧ୍ୟରେ ବୁଝିବାକୁ ଚେଷ୍ଟା କରନ୍ତୁ ।

ବର୍ତ୍ତମାନରେ ପରିସ୍ଥିତି ଅନୁଧାନ କଲେ ବୁଝି ହେଉଛି ଯେ ଜାତିଗତ ବୈଷମ୍ୟତା ଅପେକ୍ଷା ଆର୍ଥିକ ବୈଷମ୍ୟତା ସମାଜକୁ ଅତ୍ୟନ୍ତ ପଛକୁ ଟାଣିନେଇ ଚାଲିଛି ! ମାନବ ସମ୍ବଳର ଦୁର୍ବଳତା କାରଣରୁ ରାଷ୍ଟ୍ରୀୟ ଦୁର୍ବଳତା ଏବଂ ସାଧାରଣ ଲୋକଙ୍କ ଜୀବନ ଶୈଳୀ ଅତ୍ୟନ୍ତ ଦୁଃଖଦାୟକ ପରିସ୍ଥିତି ମଧ୍ୟରେ ଗତି କରୁଛି । ତେଣୁ ସମସ୍ତ ଜାତି, ଧର୍ମ, ବର୍ଣ୍ଣର ମଣିଷଙ୍କୁ ଅନ୍ତର୍ଭୁକ୍ତ କରି କେବଳ ସାମାଜିକ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆରକ୍ଷଣ ଦିଆଯିବା ଅତ୍ୟନ୍ତ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି ଆମ ଦେଶରେ ! ତାପାଇଁ ମଧ୍ୟ କିଛି ନିୟମ ଆଗତ ହୋଇଥିବା ଆମେ ଜାଣୁ । କିନ୍ତୁ ସେହି ନିୟମ ଯଥେଷ୍ଟ ହେଉନଥିବା କାରଣରୁ ଆର୍ଥିକ ପଛୁଆ ବର୍ଗ ଆଜି କୌଣସି ସୁବିଧା ସୁଯୋଗ ପାଇବାରୁ ବଂଚିତ ରହୁଛନ୍ତି। ପୁନର୍ବାର ଜାତିଗତ ଆରକ୍ଷଣକୁ ଯେଉଁ ଢଙ୍ଗରେ ପରିଚାଳିତ କରଯାଉ ଅଛି ତାହାଦ୍ୱାରା ବ୍ୟାପକ ସାମାଜିକ କ୍ଷତି ହେଉଥିବା ଆକଳନ କେହି କରନ୍ତି ନାହିଁ । କାରଣ ଆରକ୍ଷଣର ଅର୍ଥ ଏହା ହେବା କଥା ନୁହେଁ କି ସେତିକି ସ୍ଥାନ ଯେକୌଣସି ମତେ ପୁରଣ ହେବ । ଅର୍ଥାତ ଜଣେ ଅପାରଗ ମଣିଷ ସେହି ଆରକ୍ଷଣ ଅନ୍ତର୍ଭୁକ୍ତ ହେଉନଥିଲେ ମଧ୍ୟ ତାକୁ ନିଶ୍ଚିତ ନିଯୁକ୍ତି କରାଯିବ । ତଦ୍ୱାରା ସାମାଜିକ ପରିଚାଳନାରେ ବ୍ୟାପକ ଅଭାବନିୟତା ଦେଖା ଦେବ; ଦେଉଛି ମଧ୍ୟ, ସେଇଥିରେ କୌଣସି ଦ୍ୱିମତ ନାହିଁ । ତଦ୍ୱାରା ସମାଜରେ ସବୁ ବର୍ଗର ମଣିଷଙ୍କୁ ତାହା ପ୍ରତିଘାତ କରିବା ସହିତ ରାଷ୍ଟ୍ରୀୟ ବିକାଶରେ ମଧ୍ୟ ବାଧା ସୃଷ୍ଟି ହେଉଥିବା ଭୁକ୍ତଭୋଗୀ ପ୍ରାୟ ସମସ୍ତେ । ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗର ଜାତି ପାଇଁ ନିଶ୍ଚିତ ଶିକ୍ଷା ବ୍ୟବସ୍ଥା କରି ସେମାନଙ୍କୁ ମଧ୍ୟ ଉଚିତ ପାରଙ୍ଗମ କରି ନିଯୁକ୍ତିରେ ଆରକ୍ଷଣ ଦେବା ହେଲେ ବ୍ୟବସ୍ଥା ସଠିକ ଢଙ୍ଗରେ ଚାଲିବ । କିନ୍ତୁ ଶିକ୍ଷାଠାରୁ ନିଯୁକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଶ୍ଚିତ ଆରକ୍ଷଣ ଦେଇ କୌଣସି ପାରଦର୍ଶିତା ନଥିଲେ ମଧ୍ୟ ଜଣେ ମଣିଷକୁ ଆରକ୍ଷଣ ବ୍ୟବସ୍ଥିତ କରି ସାମାଜିକ କ୍ଷେତ୍ରରେ ନିୟୋଜିତ କରିବା ହୁଏତ ସେମାନଙ୍କ ପାଇଁ ମଧ୍ୟ ଏକ ପ୍ରତାରଣାର ପଥ ପରିଷ୍କାର କରୁଛି ବୋଲି ସେମାନେ ମଧ୍ୟ ବୁଝି ପାରୁନାହାନ୍ତି !

ତେଣୁ ବର୍ତ୍ତମାନ ମଧ୍ୟ ସମୟ ଅଛି ଏହାର ଉପଯୁକ୍ତ ସମୀକ୍ଷା କରି ଆରକ୍ଷଣ ବ୍ୟବସ୍ଥାକୁ ଜାତିଗତ ସ୍ତରରେ ସୀମିତ ନରଖି ବରଂ ସବୁ ବର୍ଗର ଆର୍ଥିକ ଅନଗ୍ରସର ଗୋଷ୍ଠୀଙ୍କ ପ୍ରତି ଲାଗୁ କରିବା ଦିଗରେ ସୁଧାର ଆଣିବା ପାଇଁ । ଅନ୍ୟଥା ଏମିତି ଆଉ କିଛି ବର୍ଷ ଚାଲିଲେ ହୁଏତ ଆମେ ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ର ଗୁଡିକ ତୁଳନାରେ ଅତ୍ୟନ୍ତ ପଛରେ ଚାଲିବା ସେଇଥିରେ କୌଣସି ସନ୍ଦେହ ନାହିଁ । ଏବିଷୟରେ ଯେ କେବଳ ଶାସନ ପ୍ରଶାସନରେ ରହିଥିବା ଲୋକଙ୍କ ବିଚାର ଶେଷ ପର୍ଯ୍ୟାୟ ବୋଲି ବିଚାର ନକରି ସର୍ବସାଧାରଣ ଶିକ୍ଷାବିତ / ଜ୍ଞାନୀ, ଗୁଣି ମଣିଷ ସମୂହ ମଧ୍ୟ ଏହା ଉପରେ ପୁଙ୍ଖାନୁପୁଙ୍ଖ ବିଚାର ମତ ପୋଷଣ କରିବା ଆବଶ୍ୟକ । ସାମାଜିକ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ଏହାର ସମାଧାନ କରି ଉପଯୁକ୍ତ ବିଚାର କରି ନିୟମ ଆଗତ ହେଲେ ହୁଏତ କିଛି ସାମାଜିକ ସୁଧାର ଆସିବ ବୋଲି ଆମର ଅନୁମାନ । ଏହା କିନ୍ତୁ ଆମ ଦେଶର ଅଜ୍ଞାନ ଶିକ୍ଷିତଙ୍କ ବିଚାର ପରିସୀମା ଅନ୍ତର୍ଭୁକ୍ତ ହେବ, ସନ୍ଦେହ !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ସେପ୍ଟେମ୍ବର ୨୦୨୬ ବୁଧବାର

# ଆଭା

# କମ୍ ସୋଡିୟମଯୁକ୍ତ ଲୁଣ ଉଚ୍ଚ ରକ୍ତଚାପକୁ ହ୍ରାସ କରେ

ଲୁଣ ଖାଏ ଗଣ୍ଡି.. ପୂର୍ବରୁ ଚଳି ଆସୁଥିବା ଏହି ପ୍ରବାଦ ଏବେ ସତ୍ୟ ପ୍ରମାଣ ହୋଇଛି । ବିଶେଷକରି ଭାରତରେ ଅଧିକ ଲୁଣ ସେବନ ଏବେ ଚିନ୍ତାର କାରଣ ହୋଇଛି । ଆଇସିଏମଆରର ରାଷ୍ଟ୍ରୀୟ ମହାମାରୀ ବିଜ୍ଞାନ ସଂସ୍ଥାନ ବୈଜ୍ଞାନିକଙ୍କ କହିବା ଅନୁସାରେ, ଅତ୍ୟଧିକ ଲୁଣ ସେବନ ପରୋକ୍ଷରେ ଏକ ନୀରବ ମହାମାରୀକୁ ପରିବ୍ୟାପକ କରୁଛି । ଏହି ନୀରବ ମହାମାରୀ ଯୋଗୁ ଲୋକେ ରକ୍ତଚାପ, ଷ୍ଟ୍ରୋକ, ହାର୍ଟ, କିଡନି ସମସ୍ୟା ପରି ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି । ବୈଜ୍ଞାନିକମାନେ ଏହି ସମସ୍ୟାର ସମାଧାନ ପାଇଁ କମ ଲୁଣ ସେବନ ଉପରେ ଏକ ଅଧ୍ୟୟନ ଜାରି ରଖିଛନ୍ତି ଏବଂ କମ ସୋଡିୟମଯୁକ୍ତ ଲୁଣର ସେବନ ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି ।

ଲୁଣ ଖାଇବା ନେଇ ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେସନ (ହୁ୍ୟ) ଏକ ଗାଇଡଲାଇନ ଜାରି କରିଛି । ହୁ ପକ୍ଷରୁ କୁହାଯାଇଛି, ଜଣେ ବ୍ୟକ୍ତି ଦିନକୁ ୫ ଗ୍ରାମରୁ କମ ଲୁଣ ଖାଇବା ଉଚିତ । ଅନ୍ୟପକ୍ଷେ ଭାରତରେ ସହରାଞ୍ଚଳ ଲୋକମାନେ ଦିନକୁ ପାଖାପାଖି ୯.୨ ଗ୍ରାମ ଲୁଣ ଖାଉଛନ୍ତି । ଅନ୍ୟପକ୍ଷେ, ଗ୍ରାମୀଣ ଭାରତରେ ଜଣେ ବ୍ୟକ୍ତି ଦିନକୁ ୫.୬ ଗ୍ରାମ ଲୁଣ ଖାଉଛନ୍ତି ଯାହା ହୁ୍ୟ ଗାଇଡଲାଇନ ତୁଳନାରେ ଯଥେଷ୍ଟ ଅଧିକ ।

ଲୁଣ ପରି ଅତ୍ୟାବଶ୍ୟକୀୟ ସାମଗ୍ରୀର ଏକ ଆଶାଜନକ ବିକଳ୍ପ ବୈଜ୍ଞାନିକମାନେ ବାହାର କରି ପାରିଛନ୍ତି । ସାଧାରଣ ଲୁଣ ଜାଗାରେ କମ ସୋଡିୟମଯୁକ୍ତ ଲୁଣ ବ୍ୟବହାର କରିବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି । ଏହି ମିଶ୍ରଣରେ ସୋଡିୟମ କ୍ଲୋରାଇଡର ଏକ ଭାଗ ବଦଳରେ ପୋଟାସିୟମ ବା ମାଗ୍ନେସିୟମ ଲବଣ ବ୍ୟବହାର କରାଯିବା ଦରକାର ବୋଲି ଜାତୀୟ ମହାମାରୀ ବିଜ୍ଞାନ ସଂସ୍ଥାନର ବରିଷ୍ଠ ବୈଜ୍ଞାନିକ ଏବଂ ଏହି ଅଧ୍ୟୟନର ମୁଖ୍ୟ ଗବେଷକ ଡ. ଶରନ ମୂରଲି କହିଛନ୍ତି ।

ଡ. ମୂରଲି କହିଛନ୍ତି, କମ ସୋଡିୟମଯୁକ୍ତ ଲୁଣ ଉଚ୍ଚ ରକ୍ତଚାପକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏହା ଆମର ହୃଦଘାତ ଜନିତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ । କହିବାକୁ ଗଲେ, କମ ସୋଡିୟମଯୁକ୍ତ ଲୁଣର ବିକଳ୍ପ ଉଚ୍ଚରକ୍ତଚାପ ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ବଡ ପରିବର୍ତ୍ତନ ଆଣିଦେବ । କମ ସୋଡିୟମଯୁକ୍ତ ଲୁଣ ବ୍ୟବହାର କରିବା ଦ୍ୱାରା ରକ୍ତଚାପ ହାରାହାରି ୭/୪ ଏମ୍ଏମ୍ଏଚ୍ଜି ପର୍ଯ୍ୟନ୍ତ କମ ହୋଇପାରେ । ଏକ ଛୋଟ ଅଭ୍ୟାସ ବଡ ପରିବର୍ତ୍ତନ ଆଣିପାରେ ବୋଲି କହିଛନ୍ତି ଡାକ୍ତର ମୂରଲି । ଅଧିକ ଲୁଣ ସେବନ ସମସ୍ୟାର ସମାଧାନ ପାଇଁ ଏନଆଇଇ ଆଇସିଏମଆର ସହଯୋଗରେ ପଞ୍ଜାବ ଏବଂ ତେଲେଙ୍ଗାନାରେ ଏକ ତିନି ବର୍ଷିଆ କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି । ଏହି ଅଧ୍ୟୟନର ଅନ୍ୟତମ ବରିଷ୍ଠ ଗବେଷକ ତଥା ଏନଆଇଇର ଡାକ୍ତର ଗଣେଷ କୁମାରଙ୍କ କହିବା ଅନୁଯାୟୀ, ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି, ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀମାନେ ବିତରଣ କରୁଥିବା ଏହି ଲୁଣର ପ୍ରଭାବର ମୂଲ୍ୟାୟନ କରିବା । ଏହି ଲୁଣ ଉଚ୍ଚ ରକ୍ତଚାପ କେତେ ପରିମାଣରେ ହ୍ରାସ କରିବାରେ ସାହାଯ୍ୟ କରୁଛି, କମ ସୋଡିୟମ ଗ୍ରହଣ କରିବାରେ କେତେ ସହାୟକ ହେଉଛି ତାହା ଜାଣିବା ତିନି ବର୍ଷିଆ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଡାକ୍ତର କହିଛନ୍ତି । "ଏବେ ଏହି କାର୍ଯ୍ୟର ପ୍ରଥମ ବର୍ଷ ଚାଲିଛି । ବର୍ତ୍ତମାନ ଆଧାରଗତ ଆକଳନ ଏବଂ କ୍ଷେତ୍ରୀୟ ପ୍ରସ୍ତୁତି ଉପରେ ଧ୍ୟାନ କେନ୍ଦ୍ରିତ ରହିଛି । ଆବଶ୍ୟକ ସାମଗ୍ରୀ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ଆମେ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହଯୋଗରେ ସେମାନଙ୍କ ଅଭିଜ୍ଞତାକୁ ନେଇ ଏବଂ ପରାମର୍ଶକୁ ଆଧାର କରି ଏହି କାମ ଆଗେଇ ନେବାକୁ ଲକ୍ଷ୍ୟ ରଖିଛୁ । ଆମର ଲକ୍ଷ୍ୟ କେବଳ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିବା ନୁହେଁ । ବରଂ ଏହା ଶୁଣିବା, ବୁଝିବା ଏବଂ ଏକାଠି ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଏ" ବୋଲି କହିଛନ୍ତି ଡକ୍ଟର ମୁରଲୀ । ଏନ୍ଆଇଇ ଚେନ୍ନାଇ ପକ୍ଷରୁ ୩୦୦ଟି ଖୁଚୁରା ଦୋକାନରେ ଏକ ସର୍ଭେ କରାଯାଇ କମ୍-ସୋଡିୟମ୍ ଲୁଣ ର ଉପଲବ୍ଧତା ଏବଂ ମୂଲ୍ୟ ଅଧ୍ୟୟନ କରାଯାଇଥିଲା । ଜଣାଯାଇଥିଲା, ମାତ୍ର ୨୮ ପ୍ରତିଶତ ଖୁଚୁରା ଦୋକାନରେ ଲୋ ସୋଡିୟମ ଯୁକ୍ତ ଉପଲବ୍ଧ ଥିଲା । ଏହା ୫୨ ପ୍ରତିଶତ ସୁପରମାର୍କେଟ୍ ?ରେ ଦେଖାଯାଇଥିଲା । କିନ୍ତୁ ଛୋଟ କିରାଣା ଦୋକାନରେ ଏହାର ପ୍ରତିଶତ ଥିଲା ମାତ୍ର ୪ ପ୍ରତିଶତ । ସାଧାରଣ ଆୟୋଡିନ୍ ଯୁକ୍ତ ଲୁଣର ଦାମ ୧୦୦ ଗ୍ରାମ ପ୍ରତି ୨.୭ ଟଙ୍କା ଥିବାବେଳେ ଏହି ଲୋ ସୋଡିୟମ ଯୁକ୍ତ ଲୁଣର ଦାମ ପ୍ରତି ୧୦୦ ଗ୍ରାମ୍ ୫.୬ ଟଙ୍କା ରହିଛି ।

ତେବେ କମ ଲୁଣ ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ଏନ୍ଆଇଇ ପକ୍ଷରୁ ନିକଟରେ ଟୁଇଟର ଏବଂ ଲିଙ୍କଡଇନ ମାଧ୍ୟମରେ କ୍ୟାମ୍ପେନ କରାଯଉଛି ବୋଲି କହିଛନ୍ତି ଡାକ୍ତର ମୂରଲି ।

## ଶୋଇବାର ସମୟ ସ୍ଥିର କରିଲେ ଜୀବନସାରା ରହିବେ ଫିଟ୍



୨୦୨୪କୁ ବିଦାୟ ଦେବାକୁ କିଛି ଦିନ ବାକି ଥିବାବେଳେ ୨୦୨୫ ବର୍ଷ ଆରମ୍ଭ ହେବାକୁ ଯାଉଛି । ସମସ୍ତେ ଏଥିପାଇଁ ଅନେକ କିଛି ପ୍ରସ୍ତୁତି କରିଛନ୍ତି । ୨୦୨୪ ବର୍ଷ ଶେଷ ହେଉଥିବା ବେଳେ ଆଗାମୀ ବର୍ଷଠାରୁ ଆପଣମାନେ କିପରି ସାରା ଜୀବନ ସମ୍ପୂର୍ଣ୍ଣ ଫିଟ୍ ରହିପାରିବେ ତାହା ଉପରେ ଧ୍ୟାନ ଦିଅନ୍ତୁ ।

ଆପଣ ନିଜ ସ୍ୱାସ୍ଥ୍ୟକୁ ନେଇ ସବୁବେଳେ ସଚେତନ ହେବା ଆବଶ୍ୟକ । ନୂଆବର୍ଷରେ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଏହି ସବୁ ଭଲ ଅଭ୍ୟାସ ଆପଣାନ୍ତୁ ।

ଉତ୍ତମ ସ୍ୱାସ୍ଥ୍ୟ ପାଇଁ, ଆପଣ ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ କରିବା ଉଚିତ୍ । ଏଥିପାଇଁ ଆପଣ ଯୋଗ କରିବା, ଚାଲିବା, ସାଇକେଲ ଚଲାଇବା କିମ୍ବା ନିଜର କୋଣସି ପ୍ରିୟ ବ୍ୟାୟାମ ଅନ୍ତର୍ଭୁକ୍ତ କରିପାରିବେ । ଏଭଳି କଲେ ଆପଣଙ୍କ ମାଂସପେଶୀ ଶକ୍ତିଶାଳୀ ହେବ । ଏକ ସନ୍ତୁଳିତ ଖାଦ୍ୟ ଖାଇବାର ଅଭ୍ୟାସ ଆରମ୍ଭ କରିପାରିବେ । ପ୍ରଚୁର ପାଣି ପିଇବା ବ୍ୟତୀତ, ଆପଣ ଭରପୂର ପୁଷ୍ଟିକର ଖାଦ୍ୟ ଖାଇପାରିବେ । ବର୍ତ୍ତମାନର ଜୀବନଶୈଳୀରେ ସମସ୍ତେ କିଛି ନା କିଛି ଚାପରେ ରହୁଛନ୍ତି । ଏଥିପାଇଁ, ଯଦି ଆପଣ ନିୟମିତ ଧ୍ୟାନ, ବ୍ୟାୟାମ ଏବଂ ସୃଜନଶୀଳ କାର୍ଯ୍ୟକଳାପ ଉପରେ ଧ୍ୟାନ ଦିଅନ୍ତି, ତେବେ ଆପଣ ସୁସ୍ଥ ରହିବେ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ, ଆପଣ ପ୍ରତିଦିନ ୮ ଘଣ୍ଟା ଶୋଇବା ଆବଶ୍ୟକ । ଏଥିପାଇଁ ଆପଣ ପୂର୍ବରୁ ଶୋଇବାର ସମୟ ସ୍ଥିର କରିବା ଉଚିତ୍ । ଶୋଇବା ପୂର୍ବରୁ ଆପଣ କୌଣସି ପ୍ରକାରର ଗ୍ୟାଜେଟ୍ ବ୍ୟବହାର କରିବା ଉଚିତ୍ ନୁହେଁ । ଆପଣ ନିରନ୍ତର ସ୍ୱାସ୍ଥ୍ୟ ଯାଞ୍ଚ କରିବା ଉଚିତ୍ । ଏହା କରିବା ଦ୍ୱାରା ମଧୁମେହ ସ୍ତର, ରକ୍ତଚାପ ଏବଂ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରହିଥାଏ ।

## ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଫଳ

ପିଜୁଳି ଓ ସେଓ ଫଳ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି । ଉଭୟ ଫଳ ବିଭିନ୍ନ ଭିଟାମିନରେ ଭରପୁର ଉଭୟ ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ ଅଟେ । ଆସନ୍ତୁ ଜାଣିବା ସେଓ ଓ ପିଜୁଳିର ପୋଷକ ଗୁଣ କ'ଣ ଏବଂ ଉଭୟକୁ ତୁଳନା କଲେ କାହାକୁ ଖାଇଲେ ଭଲ ହେବ । **ସେଓର ପୋଷକ ତତ୍ତ୍ୱ:-** ସେଓ ଏକ ଅତ୍ୟନ୍ତ ପରିଚିତ ଫଳ । ଯଦିଓ ଏହା ଏକ ବିଦେଶୀ ଫଳ, ଆମ ମଧ୍ୟରୁ ଅନେକ ଏହାକୁ ନିୟମିତ ଖାଆନ୍ତି । ଲୋକମାନେ ବିଭିନ୍ନ କାରଣରୁ ସେଓକୁ ପସନ୍ଦ କରନ୍ତି । ଏହା ଅଧିକ ଉପଲବ୍ଧ, ସବୁ ଋତୁରେ ଉପଲବ୍ଧ ଏବଂ ଖାଇବାକୁ ସହଜ । ସେଓ ବିଦେଶୀ ଫଳ ହୋଇଥିଲେ ମଧ୍ୟ ବାଂଲାଦେଶରେ କେତେକ ସ୍ଥାନରେ ସେଓ ଅଳ୍ପ ମାତ୍ରାରେ ଚାଷ କରାଯାଉଛି । ସେଓରେ ପାଣିର ମାତ୍ରା ବହୁତ ଅଧିକ ଥାଏ । ୫୦ରୁ ୬୦ ପ୍ରତିଶତ ଫଳ ହେଉଛି ପାଣି । ଏଥିରେ ପ୍ରଚୁର ମାତ୍ରାରେ ଫାଇବର ରହିଥାଏ । ସେଓରେ ଭିଟାମିନ୍-ସି ରହିଥାଏ । ଏଥିରେ ଭିଟାମିନ୍-ବି କମ୍ପ୍ଲେକ୍ସ ମଧ୍ୟ ରହିଛି । ସବୁଜ ସେଓରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଯଦି କେହି ଦିନକୁ ଗୋଟିଏ ସେଓ ଖାଆନ୍ତି ତେବେ ଦେଖାଯାଏ ଯେ ଜଟିଳ କିମ୍ବା ବୟସ ଜନିତ ରୋଗ ବ୍ୟତୀତ ତାଙ୍କ ଶରୀର ପ୍ରାୟ ସବୁ ପ୍ରକାର ରୋଗରୁ ରକ୍ଷା କରିଥାଏ । ଅନ୍ୟାନ୍ୟ ଫଳ ତୁଳନାରେ ସେଓରେ କମ ପରିମାଣରେ କାର୍ବୋହାଇଡ୍ରେଟ୍, ଫ୍ୟାଟ ରହିଥାଏ । ସେଓରେ ଥିବା ଫାଇବର ଶରୀରରୁ ଖରାପ ଚର୍ବି ବାହାର କରିବାରେ ସାହାଯ୍ୟ କରିଥାଏ । ସେଓ ହୃଦ ରୋଗ, ଉଚ୍ଚ ରକ୍ତଚାପରୁ ରକ୍ଷା କରିଥାଏ । ସେଓରେ ଚିନିର ମାତ୍ରା କମ ଥାଏ । ତେଣୁ ଯେଉଁମାନଙ୍କର ମଧୁମେହ ଅଛି ସେମାନେ ଅନ୍ୟ ମିଠା ଫଳ ତୁଳନାରେ ସେଓ ଟିକେ ଅଧିକ ମାତ୍ରାରେ ଖାଇପାରିବେ । **ପିଜୁଳିର ପୋଷକ ତତ୍ତ୍ୱ:-** ପିଜୁଳିରେ ପ୍ରଚୁର ପରିମାଣରେ ପାଣି ଥାଏ, ଯାହା ସେଓ ଠାରୁ ଅଧିକ ହୋଇଥାଏ । ଏହାର ପ୍ରାୟ ୭୦ ପ୍ରତିଶତ ହେଉଛି ପାଣି । ଫାଇବରର ମାତ୍ରା ମଧ୍ୟ ବହୁତ ଅଧିକ ଥାଏ । ପିଜୁଳିରେ ପ୍ରଚୁର ମାତ୍ରାରେ ଭିଟାମିନ ସି ରହିଥାଏ । ଏଥିରେ ଭିଟାମିନ ବି କମ୍ପ୍ଲେକ୍ସ, ଭିଟାମିନ୍-ଏ, ଭିଟାମିନ୍-ଡି, ଭିଟାମିନ୍-ଇ, ଭିଟାମିନ୍-କେ କମ ମାତ୍ରାରେ ରହିଥାଏ । ପିଜୁଳିରେ ଚର୍ବି ନଥାଏ । ସେଓ ତୁଳନାରେ ପିଜୁଳି କମ ମିଠା, ଏଥିରେ ଚିନି କମ ଥାଏ । ଏହି କାରଣରୁ ମଧୁମେହ ରୋଗୀଙ୍କ ପାଇଁ ଏହା ବହୁତ ଭଲ । ସେଓ ଓ ପିଜୁଳିରେ ପାଣି, ଫାଇବର, ଭିଟାମିନର ମାତ୍ରା ପ୍ରାୟ ସମାନ । କିନ୍ତୁ ସେଓ ତୁଳନାରେ ପିଜୁଳିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ ସି ଅଧିକ ଥାଏ । ସେଓ ତୁଳନାରେ ପିଜୁଳିରେ ଭିଟାମିନ ସି ଅନେକ ଗୁଣ ଅଧିକ ମିଳିଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଭିଟାମିନ ସି ଅତ୍ୟନ୍ତ ଜରୁରୀ । ଏହିପରି ଭାବେ ସେଓ ତୁଳନାରେ ପିଜୁଳିର ପୋଷକ ତତ୍ତ୍ୱ ବହୁତ ଅଧିକ ବୋଲି ବିଶେଷଜ୍ଞ କହିଛନ୍ତି । ସେଓରେ ଏମିତି କିଛି ପୋଷକ ତତ୍ତ୍ୱ ରହିଛି ଯାହା ପିଜୁଳିରେ ନଥାଏ ।

## ୟୁରୋପର ଲୋକମାନେ ୧୫ ହଜାର ବର୍ଷ ପୂର୍ବେ ଖାଉଥିଲେ ମଣିଷ ମାଂସ

ହଜାର ହଜାର ବର୍ଷ ପୂର୍ବେ ମଣିଷ କିପରି ଦେଖାଯାଉଥିଲା, କ'ଣ ଖାଉଥିଲେ ଓ କେଉଁଠାରେ ରହୁଥିଲେ- ଏହାକୁ ନେଇ ପାୟତଃ ବିଭିନ୍ନ ପ୍ରକାରର ଅନୁସନ୍ଧାନ କରାଯାଉଛି । ବେଳେବେଳେ ଏହି ଗବେଷଣାଗୁଡ଼ିକ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ହୋଇଥାଏ । ଏହିପରି ଏକ ଆଶ୍ଚର୍ଯ୍ୟଜନକ ଅନୁସନ୍ଧାନ କରାଯାଇଛି, ଯାହା କ୍ୱାଟରନରୀ ସାଇନ୍ସ ରିଭ୍ୟୁଜ ପତ୍ରିକାରେ ପ୍ରକାଶିତ କରାଯାଇଛି । ଏହି ଅଧ୍ୟୟନରୁ ଜଣାପଡିଛି ଯେ, ପ୍ରାୟ ୧୫ ହଜାର ବର୍ଷ ପୂର୍ବେ ୟୁରୋପର ଲୋକମାନେ ନରଭକ୍ଷୀ ଥିଲେ, ଅର୍ଥାତ ସେମାନେ ମଣିଷ ହୋଇଥିଲେ ମଧ୍ୟ ମଣିଷ ମାଂସ ଖାଉଥିଲେ । ସେହି ସମୟ ପାଇଁ ଏହା ସାଧାରଣ ଥିଲା । ଅନୁସନ୍ଧାନରୁ ଏହା ମଧ୍ୟ ଦର୍ଶାଯାଇଛି ଯେ, ଲୋକମାନେ ସେମାନଙ୍କର ମୃତ ସମ୍ପର୍କୀୟମାନଙ୍କୁ ଖାଉଥିଲେ । ସେମାନେ ଏହା ବାଧ୍ୟତାମୂଳକ ଭାବରେ କରୁନଥିଲେ ବରଂ ନିଜ ସଂସ୍କୃତି ଏବଂ ପରମ୍ପରାର ଏକ ଅଂଶ ଭାବରେ କରୁଥିଲେ । ରିପୋର୍ଟ ଅନୁଯାୟୀ, ପୁରୁଣା ଯୁଗର ମାଗଡାଲେନିୟନ ସମୟକୁ ଧ୍ୟାନରେ ରଖି ଏହି ଅନୁସନ୍ଧାନ କରାଯାଇଥିଲା । ମାଗଡାଲେନିୟନମାନେ ପ୍ରାୟ ୧୧ ହଜାରରୁ ୧୭ ହଜାର ବର୍ଷ ପୂର୍ବେ ପୃଥିବୀରେ ବାସ କରୁଥିଲେ । ଯେତେବେଳେ ଲଣ୍ଡନରେ ଥିବା ଜାତୀୟ ଇତିହାସ ସଂଗ୍ରହାଳୟର ବୈଜ୍ଞାନିକମାନେ ୫୯ ମାଗଡାଲେନିୟନର ସ୍ଥାନ ସମୀକ୍ଷା କରିଥିଲେ । ସେଠାରେ ପ୍ରାୟ ୧୫ ଟି ସ୍ଥାନରେ ସେମାନଙ୍କୁ ମଣିଷଙ୍କ ଖପୁରୀ ଓ ହାଡ ମିଳିଥିଲା, ଯାହାକୁ ଚୋବାଇ ଖାଇଯାଇଥିଲା ।



## ତବଲା ମାଡ଼ରେ ଟ୍ରେଣ୍ଡ ପାଇଥିଲା ୱାଃ ଚା'



ଚା'ରୁ ଆରମ୍ଭ ହୁଏ ପ୍ରତିଟି ଭାରତୀୟଙ୍କ ସକାଳ । ଚା' କପ୍‌ରୁ ସୃଷ୍ଟି ହୁଏ ଦିନଯାକର କାର୍ଯ୍ୟସୂଚୀ । ଆଉ ସେହି ଚା'ଢୋକେ ରୁ ହୁଏ ଶବ୍ଦର ସଂଯୋଜନା । ଯଦି ସେ ଚା' ତାଜ୍ ହୁଏ ତାହେଲେ ଖୁସି ଡବଲ । ସକାଳରୁ ଭରିଯାଏ ରୋମାଞ୍ଚରେ । ମନରେ ଗୁଞ୍ଜରଣ ହୁଏ ସେହି ତବଲାର ସ୍ୱର । କାରଣ ତାଜ୍ ଚା'କୁ ଲୋଚଲୋଚନକୁ ଆଣିବାରେ ଥିଲା ତାଙ୍କର ଯାଦୁ । ସାଧରଣ ତାଜ୍ କୁ ବ୍ରାଣ୍ଡ ଦେଇଥିଲେ ପଦ୍ମ ବିଭୁଷଣ ତବଲା ବାଦକ ଜାକିର ହୁସେନ । ଘରେ ଘରେ ବଦଳିଯାଇଥିଲା ଚା'ର ବ୍ରାଣ୍ଡ । ଧିରେ ଧୀରେ ସେ ପାଲଟିଲା ସର୍ଭିଙ୍କ ପ୍ରିୟ 'ୱାଃ ତାଜ୍' । ସେହି ତବଲା ବାଦକ ଆଜି ନାହାଁନ୍ତି ସତ, କିନ୍ତୁ ତାଙ୍କ ଆବର୍ତ୍ତମାନରେ ମନେ ପଡେ ତାଙ୍କର ସେହି ଚା'ର ସ୍ୱାଦ ।

ତାଜମହଲ ଚାକୁ 'ୱାଃ ତାଜ୍' ପରିଚୟ ଦେଇଥିବା ଜାକିର ହୁସେନ୍ ଆଉ ନାହାଁନ୍ତି । ସୋମବାର ସକାଳେ ତାଙ୍କ ମୃତ୍ୟୁକୁ ତାଙ୍କ ପରିବାର ନିଶ୍ଚିତ କରିଛନ୍ତି । ସାନ ଫ୍ରାନ୍ସିସ୍କୋ ହସ୍ପିଟାଲରେ ତ୍ୟାଗ କରିଛନତି ଶେଷ ନିଶ୍ୱାସ । ଭାରତର ଏକ ପ୍ରିମିୟମ୍ ଚା ବ୍ରାଣ୍ଡ, ଯାହା ବ୍ରିଟିଶ୍ କମ୍ପାନୀର ମାଲିକାନା ଅଟେ । ଏହାକୁ ସାରା ଦେଶରେ କୁହାଯାଏ 'ୱାଃ ତାଜ୍' ।

୧୯୬୬ ମସିହାରେ କୋଲକାତାରେ ଆରମ୍ଭ ହୋଇଥିଲା ବ୍ରୁକ ବଣ୍ଡ ତାଜମହଲ ଚା' । ରଙ୍ଗ, ସୁଗନ୍ଧ ଏବଂ ସ୍ୱାଦ, ଏହି ତିନୋଟି ପାରାମିଟର ଯେଉଁଥିରେ ପ୍ରସ୍ତୁତ କରାଯାଉଥିଲା ତାଜମହଲ ଚା । କାରଣ ପାଶ୍ଚାତ୍ୟ ବ୍ରାଣ୍ଡ ଭାବେ ପରିଚିତ ଚା'କୁ ଭାରତରେ ଖ୍ୟାତି କରିବାର ଥିଲା । ସେତିକି ନୁହେଁ ଚା' ସହ ଯୋଡିହେବାର ଥିଲା ତାଜମହଲର ସୌନ୍ଦର୍ଯ୍ୟ ।

ଚା'କୁ ଫେମସ କରିବାର ଉପାୟ ଥିଲା ବିଜ୍ଞାପନ । ଆଉ ବିଜ୍ଞାପନ ପାଇଁ ଏକମାତ୍ର ପ୍ରଯୁଜ୍ୟ ଥିଲେ ଜାକିର ହୁସେନ୍ । ଜାକିର ହୁସେନ୍‌ଙ୍କ ବ୍ୟକ୍ତିତ୍ୱ ତାଜମହଲ ଚା'ର ତିନୋଟି ପାରାମିଟର ପାଇଁ ପ୍ରଥମ ପସନ୍ଦ । କାରଣ ଜାକିର ଥିଲେ କେବଳ ଦେଶର ଜଣେ ମହାନ୍ ତବଲା ବାଦକ । ସେ ରହୁଥିଲେ ଆମେରିକାରେ, ତାଙ୍କର ଥିଲା ଅନେକ ସ୍ୱତନ୍ତ୍ରତା ।


ଆଉ ଜାକିର ହୁସେନ୍ ତାଜମହଲ ଚା ବିଜ୍ଞାପନ ପାଇଁ ଆସିଥିଲେ ଆଗ୍ରା । ବିଜ୍ଞାପନର ସୁଟିଂ ସମୟରେ ପୃଷ୍ଠଭୂମିରେ ରହିଥିଲା ତାଜମହଲ । ଯେତେବେଳେ ଜାକିର ହୁସେନ୍ ଚା ପିଇଲେ, 'ୱା, ଉସ୍ତାଦ୍ ୱାହ !' କିନ୍ତୁ ଜାକିର ହୁସେନ୍ କହିଥିଲେ 'ସାର, କୁହନ୍ତୁ ୱାଃ ତାଜ୍' । କେବଳ ଜାକିର ହୁସେନ୍ ନୁହେଁ ଅନ୍ୟ ଜଣେ ତବଲା ବାଦକ ଆଦିତ୍ୟ କଲ୍ୟାଣପୁର ବି ନଜର ଆସିଥିଲେ ବିଜ୍ଞାପନରେ । ଜାକିର ହୁସେନ୍, ତାଜମହଲ ଚା'ର ଯୁଗଳବନ୍ଦୀ ଆଣିଥିଲା ସଫଳତା । ଅନେକ ଲୋକ ଚା ସହ ଜାକିରଙ୍କ ପ୍ରତିଭା ବି ଜାଣିଥିଲେ । ଘରେ ଘରେ ତାଜ୍ ଘରେ ଘରେ ଉସ୍ତାଦ ଭାବେ ଗଣାଗଲେ । ଜାକିରଙ୍କ ପାଇଁ ତାଜମହଲ ଚାକୁ ଭାରତୀୟ ବଜାରରେ ମିଳିଥିଲା ଭଲ ରେସପଣ୍ଡ । ଆଜି ପର୍ଯ୍ୟନ୍ତ ବି କମ୍ପାନୀ ସେହି ମହାନ ତବଲିଷ୍ଟ ପାଖରେ ଋଣୀ ।

## ଶୀଘ୍ର ବୃଦ୍ଧ ହୁଅନ୍ତି ଅବିବାହିତ ପୁରୁଷ

କୁହାଯାଏ ଯେ, ଅବିବାହିତ ଲୋକମାନେ ଅଧିକ ଖୁସି ହୁଅନ୍ତି । କାହିଁକିନା ସେମାନେ ନିଜ ଜୀବନକୁ ମୁକ୍ତ ଭାବରେ ବଞ୍ଚନ୍ତି । କିଛି ରୋକ-ଟୋକ୍ ନାହିଁ । ପୂରା ସ୍ୱାଧୀନ ଜୀବନ । ଏହି କାରଣରୁ, ପୁରୁଷମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ଅନୁଭବ ବି କରନ୍ତି । ଆପଣ ଏମିତି ଭାବୁଥିବେ । ଠିକ୍ କହିଲି ନା... କିନ୍ତୁ ଏମିତି ନୁହେଁ । ନୂଆ ଗବେଷଣାରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଆସିଛି ସାମ୍ନାକୁ । ରିପୋର୍ଟ କହୁଛି ଅବିବାହିତ ପୁରୁଷମାନେ ଶୀଘ୍ର ବୁଢ଼ା ହୋଇଯାଆନ୍ତି ।

ଯେତେବେଳେକି ବିବାହିତ ପୁରୁଷଙ୍କ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧୀର । ସରଳ ଭାଷାରେ କହିବାକୁ ଗଲେ ଅବିବାହିତ ଲୋକମାନେ ଶୀଘ୍ର ବୁଢ଼ା ହୋଇଯାଆନ୍ତି ଆଉ ବିବାହିତ ପୁରୁଷମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ରୁହନ୍ତି । ଅବଶ୍ୟ, ଏହା କେବଳ ପୁରୁଷମାନଙ୍କ କ୍ଷେତ୍ରରେ ହୋଇଥାଏ ଏବଂ ମହିଳାମାନଙ୍କ କ୍ଷେତ୍ରରେ ଏପରି ପରିବର୍ତ୍ତନ ହୁଏ ନାହିଁ ।

ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ଅନୁଯାୟୀ, ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିବାହିତ ପୁରୁଷଙ୍କ ବୟସ ଅବିବାହିତ ପୁରୁଷଙ୍କ ତୁଳନାରେ ଧୀରେ ଧୀରେ ବଢ଼ିଥାଏ । ଏହି ଅଧ୍ୟୟନ ସୋସିଆଲ୍ ୱାର୍କ ଜର୍ଣ୍ଣାଲ୍ ରେ ପ୍ରକାଶିତ ହୋଇଛି । ଏଥିରେ ବୈଜ୍ଞାନିକମାନେ ୪୫ରୁ ୮୫ବର୍ଷ ବୟସ୍କଙ୍କ ସ୍ୱାସ୍ଥ୍ୟ ଏବଂ ଗୁଣବତ୍ତାକୁ ନେଇ ୨୦ ବର୍ଷ ପର୍ଯ୍ୟନ୍ତ ଅଧ୍ୟୟନ କରାଯାଇଥିଲା । ଉଦ୍ଦେଶ୍ୟ ଥିଲା ଜାଣିବା ଯେ, ବିବାହର ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡିଥାଏ । ଏହି ଅନୁସନ୍ଧାନରେ, ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ସାମାଜିକ ଜୀବନ ଏବଂ ବୟସ ସମ୍ବନ୍ଧୀୟ କଥାକୁ ଧ୍ୟାନରେ ରଖି ମୂଲ୍ୟାଙ୍କନ କରାଯାଇଥିଲା । ଯେଉଁଥିରେ ଜଣାପଡିଛି ଯେ ବିବାହିତ ପୁରୁଷମାନେ ସେମାନଙ୍କର ଅବିବାହିତ ବନ୍ଧୁମାନଙ୍କ ଅପେକ୍ଷା ଠିକ୍ ଭାବରେ ବୟସ ବଢ଼ାଇବାରେ ସଫଳତା ହାସଲ କରନ୍ତି । ଯଦିଓ, ଏହା ସେତେବେଳେ ହୁଏ, ଯେତେବେଳେ ସେହି ବ୍ୟକ୍ତି ଜୀବନସାରା ବିବାହିତ ରୁହେ । ଯଦି ସେମାନଙ୍କର ବିବାହ ଭାଙ୍ଗିଯାଏ କିମ୍ବା ସେମାନଙ୍କ ସାଥୀଙ୍କ ମୃତ୍ୟୁ ହୁଏ ଏହା ସେମାନଙ୍କର ବାର୍ଦ୍ଧକ୍ୟ ପ୍ରକ୍ରିୟାରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଅନ୍ୟପଟେ ବିବାହିତ ମହିଳା ଓ ଅବିବାହିତ ମହିଳାମାନେ ବାର୍ଦ୍ଧକ୍ୟ ଦୃଷ୍ଟିରୁ ପ୍ରାୟତଃ ସମାନ । ଯେଉଁ ମହିଳାମାନେ ବିବାହିତ କିନ୍ତୁ ପରେ ଛାଡପତ୍ର କିମ୍ବା ବିଧବା ହେଉଛନ୍ତି ସେ ଅବିବାହିତ ମହିଳା ଠାରୁ ଅଧିକ ଦୁଃଖିତ । ଗବେଷଣା ଅନୁଯାୟୀ, ମହିଳାମାନେ ପ୍ରାୟତଃ ଏକାକୀ ରହିବାରେ ଅଧିକ ଖୁସି ହୁଅନ୍ତି, କିନ୍ତୁ ପୁରୁଷଙ୍କ ପାଇଁ ଏହା କଷ୍ଟସାଧ ଅଟେ । ମହିଳାମାନେ ଏକାକୀ ରହିବାରେ ଅଧିକ ସନ୍ତୁଷ୍ଟ ଏବଂ ରୋମାଣ୍ଟିକ ସମ୍ପର୍କ କମ୍ ଆବଶ୍ୟକ ଥାଏ । ବିଶେଷଜ୍ଞଙ୍କ କହିବା ଅନୁସାରେ ମହିଳାମାନେ ନିଜ ସାଙ୍ଗ ଏବଂ ପରିବାରଠାରୁ ଅଧିକ ସମର୍ଥନ ପାଇଥାନ୍ତି, ଯେତେବେଳେ ବିବାହରେ ସେମାନଙ୍କୁ ଘର କାମରେ ବ୍ୟସ୍ତ ରହିବାକୁ ପଡିଥାଏ । ଗବେଷଣାରେ ଦର୍ଶାଯାଇଛି ଯେ, ବିବାହିତ ଲୋକମାନେ ଏକାକୀ ରହୁଥିବା ଲୋକଙ୍କ ଅପେକ୍ଷା ସ୍ୱାସ୍ଥ୍ୟକର । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ବିବାହ ପୁରୁଷଙ୍କ ମୃତ୍ୟୁ ହାରକୁ ଏକ ତୃତୀୟାଂଶ ହ୍ରାସ କରିଥାଏ । ଏହା ବ୍ୟତୀତ ପ୍ରକୃତି ମାନବ ଆଚରଣ ପତ୍ରିକାର ଅନ୍ୟ ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିବାହିତ ବ୍ୟକ୍ତିଙ୍କ ଅପେକ୍ଷା ଅବିବାହିତ ବ୍ୟକ୍ତି ମାନସିକ ସମସ୍ୟାରେ ଅଧିକ ପୀଡିତ । ଏମିତି କି ବିବାହିତ ଲୋକମାନଙ୍କ ଅପେକ୍ଷା ଅବିବାହିତ ଲୋକମାନେ ଡିପ୍ରେସନର ଶିକାର ହେବାର ୭୯% ଅଧିକ ।



## ଡାଇନାମାଇଟର ଉଦ୍ଭାବକ ବୈଜ୍ଞାନିକଙ୍କ ସମ୍ପତ୍ତିରୁ ନୋବେଲ ପୁରସ୍କାରର ସୃଷ୍ଟି

ପ୍ରଥମ ନୋବେଲ ପୁରସ୍କାର ୧୦ ଡିସେମ୍ବର ୧୯୦୧ରେ ସ୍ୱିଡେନର ଷ୍ଟକହୋମରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଚିକିତ୍ସା, ସାହିତ୍ୟ ଏବଂ ଶାନ୍ତି କ୍ଷେତ୍ରରେ ପ୍ରଦାନ କରାଯାଇଥିଲା । ଡାଇନାମାଇଟ୍ ଏବଂ ଅନ୍ୟାନ୍ୟ ଉଚ୍ଚ ବିସ୍ଫୋରକ ସାମଗ୍ରୀର ସ୍ୱିଡେନ ଉଦ୍ଭାବକ ଆଲଫ୍ରେଡ ନୋବେଲଙ୍କ ମୃତ୍ୟୁର ପଞ୍ଚମ ବାର୍ଷିକୀରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା ।

ତାଙ୍କ ସମ୍ପତ୍ତିରେ, ନୋବେଲ ନିର୍ଦ୍ଦେଶ ଦେଇଥିଲେ ଯେ ତାଙ୍କର ବିପୁଳ ସମ୍ପତ୍ତିର ଏକ ଅଂଶ ଏକ ପାଣ୍ଠିରେ ରଖାଯିବ । ଯେଉଁଥିରେ ସୁଧହାରରେ ପୁରସ୍କାର ଭାବରେ ବଣ୍ଟନ କରାଯିବ । ଯେଉଁମାନେ ପୂର୍ବ ବର୍ଷରେ ମାନବଜାତି ପାଇଁ ସର୍ବାଧିକ ଲାଭ ପ୍ରଦାନ କରିଥାନ୍ତେ ।

**କେମିତି ହୋଇଥିଲା ନୋବେଲ ପୁରସ୍କାରର ଯାତ୍ରା:**

ଯଦିଓ ପୁରସ୍କାର ପ୍ରତିଷ୍ଠା ପାଇଁ ନୋବେଲ କୌଣସି ସାର୍ବଜନୀନ କାରଣ ଦେଇନାହାଁନ୍ତି । ତଥାପି ଯୁଦ୍ଧରେ ତାଙ୍କ ଉଦ୍ଭାବନଗୁଡ଼ିକର ସାଂଘାତିକ ବ୍ୟବହାରକୁ ନେଇ ସେ ନୈତିକ ଅନୁତାପରୁ ଏପରି କରିଛନ୍ତି ବୋଲି ସାଧାରଣରେ ବିଶ୍ୱାସ କରାଯାଏ ।

**ସ୍ୱିଡେନରେ ହୋଇଥିଲା ନୋବେଲ ଜନ୍ମ:**

ଆଲଫ୍ରେଡ୍ ବର୍ନହର୍ଡ ନୋବେଲ ୧୮୩୩ ମସିହାରେ ଷ୍ଟକହୋମରେ ଜନ୍ମଗ୍ରହଣ କରିଥିଲେ । ଚାରି ବର୍ଷ ପରେ ତାଙ୍କ ପରିବାର ଋଷକୁ ଚାଲିଗଲେ । ତାଙ୍କ ପିତା ସେଣ୍ଟ ପିଟର୍ସବର୍ଗରେ ଏକ ସଫଳ କାରଖାନା ଚଳାଇ ଖଣି ବିସ୍ଫୋରକ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ ତିଆରି କରିଥିଲେ । ଋଷ, ପ୍ୟାରିସ୍ ଏବଂ ଯୁକ୍ତରାଷ୍ଟ୍ରରେ ଆଲଫ୍ରେଡ୍ ନୋବେଲ ଜଣେ ଉଜ୍ଜ୍ୱଳ ରସାୟନ ବିଜ୍ଞାନୀ ଭାବରେ ପ୍ରମାଣିତ ହୋଇଥିଲେ ।

**ସର୍ବଦା ବିପଜ୍ଜନକ ବିସ୍ଫୋରକ ସହିତ ପରୀକ୍ଷଣ:**

କ୍ରାଇମ ଯୁଦ୍ଧ ଶେଷ ହେବା ପରେ ଯେତେବେଳେ ତାଙ୍କ ପିତାଙ୍କ ବ୍ୟବସାୟ ବିଫଳ ହେଲା । ନୋବେଲ ସ୍ୱିଡେନକୁ ଫେରି ବିସ୍ଫୋରକ ସାମଗ୍ରୀ ପରୀକ୍ଷା କରିବା ପାଇଁ ଏକ ଲାବୋରେଟୋରୀ ସ୍ଥାପନ କରିଥିଲେ । ୧୮୬୩ ମସିହାରେ, ସେ ନାଇଟ୍ରୋଗ୍ଲେସିରିନ୍ ବିସ୍ଫୋରଣକୁ ନିୟନ୍ତ୍ରଣ କରିବାର ଏକ ଉପାୟ ଉଦ୍ଭାବନ କରିଥିଲେ, ଯାହାକି ଅତ୍ୟଧିକ ଅସ୍ଥିର ତରଳ ଯାହାକି ନିକଟରେ ଆବିଷ୍କୃତ ହୋଇଥିଲା କିନ୍ତୁ ଏହା ବ୍ୟବହାର ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ବିବେଚନା କରାଯାଉଥିଲା ।

ପରୀକ୍ଷଣ ସମୟରେ ବିସ୍ଫୋରଣ ହେତୁ ଚାଲିଗଲେ ଭାଇ

ଦୁଇ ବର୍ଷ ପରେ, ନୋବେଲ ବ୍ଲାଷ୍ଟିଂ କ୍ୟାପ୍ ଉଦ୍ଭାବନ କରିଥିଲା, ଏକ ଉନ୍ନତ ଡିଟୋନେଟର ଯାହା ଉଚ୍ଚ ବିସ୍ଫୋରକ ସାମଗ୍ରୀର ଆଧୁନିକ ବ୍ୟବହାରକୁ ଉଦ୍‌ଘାଟନ କରିଥିଲା । ନାଇଟ୍ରୋଗ୍ଲେସିରିନ୍ ବିପଜ୍ଜନକ ରହିଲା, କିନ୍ତୁ ୧୮୬୪ ମସିହାରେ ନୋବେଲର ନାଇଟ୍ରୋଗ୍ଲେସିରିନ୍ କାରଖାନା ବିସ୍ଫୋରଣ ହୋଇ ତାଙ୍କ ସାନଭାଇ ଏବଂ ଅନେକଙ୍କୁ ହତ୍ୟା କଲା ।

ଏକ ନିରାପଦ ବିସ୍ଫୋରକ ସନ୍ଧାନ କରି ନୋବେଲ ୧୮୬୭ ମସିହାରେ ଆବିଷ୍କାର କଲେ ଯେ ନାଇଟ୍ରୋଗ୍ଲାଇସେରିନ୍ ଏବଂ କିସେଲଗୁହର୍ ନାମକ ଏକ ଖଣ୍ଡିଆ ପଦାର୍ଥର ମିଶ୍ରଣ ଏକ ଅତ୍ୟଧିକ ବିସ୍ଫୋରକ ମିଶ୍ରଣ ସୃଷ୍ଟି କରିଥିଲା ଯାହା ପରିଚାଳନା ଏବଂ ବ୍ୟବହାର କରିବା ପାଇଁ ଅତ୍ୟନ୍ତ ନିରାପଦ ଥିଲା ।









ଭୁବନେଶ୍ୱରରେ ଗଣେଶ ପୂଜା : ୟୁନିଟ୍-୯ ଆନନ୍ଦବଜାର



ବରଗଡ ଗଣେଶ ମହୋତ୍ସବ



ବରମୁଣ୍ଡା, ନୂଆ ଏୟାରପୋର୍ଟ ପୂଜା ସମିତି



ବଶିଷ୍ଠ ନଗର, ୟୁଥ୍ କ୍ଲବ ଓଲ୍ଡଟାଉନ୍



ମହାବୀର କ୍ଲବ୍, ଗାଡକଣ



ନୂଆ ସାହି, ନୟାପଲ୍ଲୀ

### କେରଳମ୍, ରାଜସ୍ଥାନ ଓ ପଞ୍ଜାବର ସାମ୍ବାଦିକ ପ୍ରତିନିଧି ଦଳ ସହ ପିଆଇବିର ଆଲୋଚନା

# ଡିଜିଟାଲ ପରିବର୍ତ୍ତନ ସାମ୍ବାଦିକତାକୁ ପୁନଃପରିଭାଷିତ କରୁଛି :ଅଖିଳ କୁମାର ମିଶ୍ର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ (ପିଆଇବି)

କେରଳମ୍, ରାଜସ୍ଥାନ ଓ ପଞ୍ଜାବରୁ ଆସିଥିବା ସାମ୍ବାଦିକ ପ୍ରତିନିଧି ଦଳ ସହ ଆଜି ପିଆଇବି ଭୁବନେଶ୍ୱରଠାରେ ଏକ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକମାନେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଅଧିକାରୀମାନଙ୍କ ସହ ସମସାମୟିକ ଗଣମାଧ୍ୟମ ପ୍ରେକ୍ଷାପଟ୍ଟ ଓ ସାମ୍ବାଦିକତାର ପରିବର୍ତ୍ତିତ ସ୍ୱରୂପ ଉପରେ ମତ ବିନିମୟ କରିଥିଲେ। ଏହି ଅବସରରେ ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଡିଜିଟାଲ ଯୁଗରେ ସାମ୍ବାଦିକତାର ଦ୍ରୁତ ପରିବର୍ତ୍ତନ ଏବଂ ଏହା ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସାମ୍ବାଦିକତା ନିଜର ପରିଚୟ ଓ ସମାଜରେ ଏହାର ଭୂମିକାକୁ ନେଇ ଏକ ଅସ୍ତିତ୍ୱଗତ ସଙ୍କଟ ଦେଇ ଗତି କରୁଛି। ପ୍ରାୟ ଦୁଇ-ତୃତୀୟାଂଶ ଖବର ଉପଭୋକ୍ତା ସୋସିଆଲ ମିଡିଆ ଫିଡ୍ ମାଧ୍ୟମରେ ଖବର ପାଉଥିବା ଉଲ୍ଲେଖ କରି ସେ କହିଥିଲେ ଯେ, ଗଣମାଧ୍ୟମ ଓ ସୋସିଆଲ ମିଡିଆର ବଢ଼ୁଥିବା ସମନ୍ୱୟ ପାରମ୍ପରିକ ସାମ୍ବାଦିକତାର ମୂଲ୍ୟବୋଧ ଓ କାର୍ଯ୍ୟପଦ୍ଧତିକୁ ନୂଆ ରୂପ ଦେଉଛି। ପରିବର୍ତ୍ତିତ ପରିବେଶ ସହ ଖାପ ଖୁଆଇବା ସହିତ ସାମ୍ବାଦିକତାର ମୌଳିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ସେ ନିଷ୍ଠା ଭଳି ପାରମ୍ପରିକ ମୂଲ୍ୟବୋଧ ଓ ପରିବର୍ତ୍ତିତ ଗଣମାଧ୍ୟମ ପରିବେଶର ଚାହିଦା ମଧ୍ୟରେ ସନ୍ତୁଳନ ରକ୍ଷା ଉପରେ ଜୋର ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଖବରର ମୁଖ୍ୟଚରିତ୍ର ବା ଖବର ସୃଷ୍ଟିକାରୀ, ସାମ୍ବାଦିକ, ସମ୍ପାଦକ, ପାଠକ ବା ଦର୍ଶକ ଏବଂ ବିତରକଙ୍କ ଭୂମିକା ମଧ୍ୟରେ ଥିବା ସୀମାରେଖା କ୍ରମଶଃ ଅସ୍ପଷ୍ଟ ହେଉଥିବାରୁ ପେସାଦାର ନୈତିକତା, ବିଶ୍ୱସନୀୟତା ଓ ସାମ୍ବାଦିକଙ୍କ ଦାୟିତ୍ୱ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ।

କାର୍ଯ୍ୟକ୍ରମରେ କେରଳମ୍ ପିଆଇବିର ଉପ ନିର୍ଦ୍ଦେଶିକା ଡ. ଅଥିରା ଥାମ୍ପି, ପିଆଇବି ଜୟପୁରର ଉପନିର୍ଦ୍ଦେଶକ ଶ୍ରୀ ଧର୍ମେଶ ଭାରତୀ ଏବଂ ପଞ୍ଜାବ ପିଆଇବିର ନିର୍ଦ୍ଦେଶକ ଶ୍ରୀ ପ୍ରୀତମ ସିଂହ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଆଗତ ସାମ୍ବାଦିକ ପ୍ରତିନିଧି ଦଳକୁ ସ୍ୱାଗତ କରାଯିବା ସହ ତିନିଟି ରାଜ୍ୟର ସାମ୍ବାଦିକମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ 'ଏକ ଭାରତ ଶ୍ରେଷ୍ଠ ଭାରତ' ପଦକ୍ଷେପର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ରାଜ୍ୟ ଓ ଅଂଚଳ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ, ପାରସ୍ପରିକ ବୁଝାମଣା ଓ ଜାତୀୟ ଏକତାକୁ ସୁଦୃଢ଼ କରିବାରେ ଏହି ପଦକ୍ଷେପର ଭୂମିକା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଶେଷରେ ବିଭିନ୍ନ ସାଂପ୍ରତିକ ଘଟଣାବଳୀ, ନୂଆ ଧାରା ଏବଂ ଡିଜିଟାଲ ଯୁଗରେ ସାମ୍ବାଦିକଙ୍କ ଦାୟିତ୍ୱ ଆଦି ପ୍ରସଙ୍ଗରେ ପିଆଇବି ଅଧିକାରୀମାନଙ୍କ ସହ ଆଗତ ସାମ୍ବାଦିକ ପ୍ରତିନିଧି ଦଳର ସଦସ୍ୟମାନେ ମତବିନିମୟ କରିଥିଲେ।



ପଳାଶୁଣି ମା' ଖଣ୍ଡେଶ୍ୱରୀ କ୍ଲବ





ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖ



ସହିଦନଗର ସୁନ୍ଦରୀ ଗୋ'ଶାଳା ପୂଜା କମିଟି



ସୋମନାଥ ଯୁବ ପରିଷଦ ସମେଇଗାଡିଆ

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନବେତୀତ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ

ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ

ଓଡିଶା ପ୍ରଦେଶ ଗଠନର ୯୦ ବର୍ଷ ପୂର୍ତ୍ତି ଏବଂ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ନବଦଶକ ପାଳନ ଅବସରରେ ଭୁବନେଶ୍ୱରସ୍ଥ ରମାଦେବୀ ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଭରପୁର ବୟସ୍କ ଦର୍ଶକଙ୍କ ଉପସ୍ଥିତିରେ ଅନନ୍ୟ କାର୍ଯ୍ୟକ୍ରମ ନବେତୀତ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ମଙ୍ଗଳବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନବେବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୯୦ ଜଣ ବୟୋବୃଦ୍ଧ ବ୍ୟକ୍ତି ବିଶେଷଙ୍କୁ ସମାଜପାଇଁ ତଥା ଓଡ଼ିଶା ପ୍ରଦେଶ ଗଠନ ଏବଂ ସମୃଦ୍ଧ କରିବାରେ ସେମାନଙ୍କର ବଳିଷ୍ଠ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ନବେତୀତ ସମ୍ମାନୀୟ ବ୍ୟକ୍ତିବିଶେଷଙ୍କୁ ତିଳକ ଚନ୍ଦନ ଲଗାଯାଇ ଏବଂ ପୁଷ୍ପ ଅକ୍ଷତ ପକାଯାଇ ସ୍ୱାଗତ କରାଯାଇ ମଞ୍ଚଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମଞ୍ଚ ଉପରେ ସମସ୍ତ ବୟୋବୃଦ୍ଧମାନଙ୍କୁ ଫୁଲମାଳ ପକାଯାଇ ବନ୍ଦାପନା କରାଯାଇଥିଲା। ପରେ ପରେ ପ୍ରତ୍ୟେକ ସମ୍ମାନନୀୟ ନବେତୀତ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଠାକୁରଙ୍କ ଫଟୋଚିତ୍ର, ଟୋଲୀ ଏବଂ ଫଳ ଇତ୍ୟାଦି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସେମାନଙ୍କ ସମ୍ମାନାର୍ଥେ ଆଶ୍ରମରେ ପ୍ରସ୍ତୁତ ଏକ କେକ ମଞ୍ଚରେ କଟାଯାଇ ସମସ୍ତଙ୍କୁ ବଣ୍ଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୧୦ ବର୍ଷର ସାଧୁ ବିଚିତ୍ରାନନ୍ଦ ସ୍ୱାମୀ, ୧୦୬ ବର୍ଷର ଗାଡକଣର ଲବଣି ବେହେରା, ପୂର୍ବତନ ବିଧାୟକ 'ମୋନା'ର ସଭାପତି ୧୦୧ ବର୍ଷର ପଦ୍ମ ଚରଣ ନାୟକ, ୯୮ ବର୍ଷୀୟ ନାଗା ସାଧୁ ମହନ୍ତ ରମେଶ ମହାରାଜ, ୯୫ ବର୍ଷୀୟ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ୯୪ ବର୍ଷୀୟ ଶିକ୍ଷାବିତ୍ ଶାନ୍ତନୁ ଆଚାର୍ଯ୍ୟ, ୯୪ ବର୍ଷର ପାଲା ବାୟକ ଜଗନ୍ନାଥ ବରାଡ଼, ୯୪ ବର୍ଷୀୟା ଧର୍ମପ୍ରାଣା ମହିଳା ଶୈଳରାଣୀ ମିଶ୍ର, ମୟୁରଭଞ୍ଜର ୯୪ ବର୍ଷୀୟ ଧ୍ରୁବ ଚରଣ ସିଂ, ପୂର୍ବତନ ଅଧ୍ୟକ୍ଷା ୯୩ ବର୍ଷୀୟା ଡ଼. ସୀତା ସାହୁ ପ୍ରମୁଖ ନବେତୀତ ବୟୋଜ୍ୟେଷ୍ଠ ସୌଭାଗ୍ୟବାନ ନାଗରିକ ଯୋଗଦେଇ ସେମାନଙ୍କର ଅଭିଜ୍ଞାତା ବର୍ଣ୍ଣନ କରି ସମାଜକୁ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥି ଭାବେ ଏକାମ୍ରର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନଙ୍କ ସହ କର୍ଣ୍ଣାଟକରୁ ଆସିଥିବା ରାଜଯୋଗୀ ପ୍ରଶିକ୍ଷିକା ତଥା ଗୀତା ପ୍ରବୀଣା ବ୍ରହ୍ମାକୁମାରୀ ବୀଣା ଭଉଣୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନବେତୀତ ବରିଷ୍ଠ ନାଗରିକଙ୍କୁ ଏକତ୍ରିତ କରି ସମ୍ବର୍ଦ୍ଧିତ କରିବାଭଳି ଅନନ୍ୟ (ବିଶ୍ୱରେ ପ୍ରଥମ) କାର୍ଯ୍ୟକ୍ରମ ସଫଳତାରସହ କରି ଉଦାହରଣ ସୃଷ୍ଟି କରି ପାରିଥିବାରୁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ଏହାଦ୍ୱାରା ବୃଦ୍ଧ ପିତାମାତା ଏବଂ ଅବହେଳିତ ବୟୋଜ୍ୟେଷ୍ଠ ନାଗରିକମାନଙ୍କ ପ୍ରତି ପୁଅଝିଅ ଏବଂ ସମାଜର ଦାୟିତ୍ୱବୋଧ ବୃଦ୍ଧିପାଇବ ବୋଲି ମତବ୍ୟକ୍ତ କରଥିଲେ। ଅନ୍ୟ ଅନୁଷ୍ଠାନମାନେ ଏଭଳି କାର୍ଯ୍ୟକ୍ରମମାନ ଗ୍ରହଣକରି ସାମାଜିକ ସଚେତନତା ସୃଷ୍ଟିକରିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସବ୍- ଜୋନ ଇନଚାର୍ଜ, ୟୁନିଟ - ୯ ଓଁ ଶାନ୍ତି ଭବନର ବି.କେ ଗୀତା ଭଉଣୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ସମାଜସେବୀ ମନୋରଞ୍ଜନ ମହାନ୍ତି ଏବଂ ଚିତ୍ରଶିଳ୍ପୀ ସୁନାରାମ ସିଂ ସଂଯୋଜନା କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବି. କେ. ଭାଇ ଭଉଣୀମାନଙ୍କ ଆକୁଣ୍ଠ ସାହାଯ୍ୟ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମାପନ ହୋଇଥିବାରୁ ନାଗରିକ ସମାଜ ତରଫରୁ ପ୍ରଶଂସା କରାଯାଇଛି।

# ଏଆଇ ଶକ୍ତିରେ ବ୍ୟାଙ୍କ ଅଫ୍ ବରୋଦାର ନୂଆ ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ଲଞ୍ଚ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତର ଅଗ୍ରଣୀ ସରକାରୀ କ୍ଷେତ୍ରର ବ୍ୟାଙ୍କ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ନୂଆ ପିଢ଼ିର ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ bob World 2.0 ଲଞ୍ଚ କରାଯାଇଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପରିଚାଳିତ ଏହି ଆପ୍ ଗ୍ରାହକଙ୍କୁ ଅଧିକ ସ୍ମାର୍ଟ, ସରଳ, ବ୍ୟକ୍ତିଗତ ଓ ସୁରକ୍ଷିତ ବ୍ୟାଙ୍କିଙ୍ଗ ଅନୁଭୂତି ପ୍ରଦାନ କରିବ।

ସେହିପରି (ପିଏଫ୍ଏମ୍) ମଡ୍ୟୁଲ୍ ମାଧ୍ୟମରେ ଗ୍ରାହକ ନିଜର ଆର୍ଥିକ ସ୍ଥିତିକୁ ସମଗ୍ର ଭାବେ ବୁଝିବା ସହ ନିଜର ଆର୍ଥିକ ସୁସ୍ଥତାରେ ଉନ୍ନତି ଆଣିପାରିବେ। ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ hyper-personalised ସେବା ମଧ୍ୟ ଏଥିରେ ଉପଲବ୍ଧ ହେବ। Senior Citizens, Women, NRIର ଓ Millennials ଭଳି ବିଭିନ୍ନ ଗ୍ରାହକ ବର୍ଗ ପାଇଁ ସେମାନଙ୍କ ଆବଶ୍ୟକତା ଆଧାରିତ ଅନୁଭୂତି ପ୍ରଦାନ କରାଯିବ। ଏହାଛଡ଼ା ଏକ multi-layered security framework ମାଧ୍ୟମରେ ଗ୍ରାହକଙ୍କୁ ରିଅଲ୍-ଟାଇମ୍ ସୁରକ୍ଷା ପ୍ରଦାନ କରାଯିବ। ଗ୍ରାହକଙ୍କ ଆବଶ୍ୟକତାକୁ କେନ୍ଦ୍ରରେ ରଖି ଡିଜିଟାଲ୍ ବ୍ୟାଙ୍କିଙ୍ଗର ପୁନଃପରିକଳ୍ପନା ଲଞ୍ଚ ଅବସରରେ ବ୍ୟାଙ୍କ ଅଫ୍ ବରୋଦାର Managing Director & CEO ଡ. ଦେବଦତ୍ତ ଚାନ୍ଦ କହିଛନ୍ତି ଯେ, ବ୍ୟାଙ୍କିଙ୍ଗ କ୍ଷେତ୍ର ଦ୍ରୁତ ଗତିରେ ଡିଜିଟାଲ୍ ହେଉଥିବାରୁ ଗ୍ରାହକମାନେ ସରଳ, ବୁଦ୍ଧିମାନ, ସୁରକ୍ଷିତ ଓ ଅଧିକ ବ୍ୟକ୍ତିଗତ ବ୍ୟାଙ୍କିଙ୍ଗ ଅନୁଭୂତି ଆଶା କରୁଛନ୍ତି। bob World ୨.୦ ମାଧ୍ୟମରେ ଗ୍ରାହକଙ୍କ ଆବଶ୍ୟକତାକୁ କେନ୍ଦ୍ରରେ ରଖି ମୋବାଇଲ୍ ବ୍ୟାଙ୍କିଙ୍ଗକୁ ନୂଆ ରୂପ ଦିଆଯାଇଛି। ଗୋଟିଏ ପ୍ଲାଟଫର୍ମରେ ଆର୍ଥିକ ସୁସ୍ଥତା ସମ୍ବନ୍ଧୀୟ ଟୁଲ୍, ଭଏସ୍-ସକ୍ଷମ ଏଆଇ ଭିତ୍ତିକ ସେବା ଏବଂ ବ୍ୟକ୍ତିଗତ ଗ୍ରାହକ ଅନୁଭୂତିକୁ ଏକତ୍ର କରାଯାଇଛି। ଏକ ଭବିଷ୍ୟତମୁଖୀ ଓ ଗ୍ରାହକ-କେନ୍ଦ୍ରିକ ସଂସ୍ଥା ଭାବେ ବ୍ୟାଙ୍କ ନିରନ୍ତର ନୂତନତ୍ୱ ଆଣିବା ସହିତ ଏକ ଭବିଷ୍ୟତ ପ୍ରସ୍ତୁତ ଡିଜିଟାଲ୍ ବ୍ୟାଙ୍କିଙ୍ଗ ଇକୋସିଷ୍ଟମ୍ ଗଢ଼ିବା ପାଇଁ ପ୍ରତିବଦ୍ଧ। ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତା ଓ ଆଶା ଅନୁଯାୟୀ ଏହି ଡିଜିଟାଲ୍ ଇକୋସିଷ୍ଟମ୍ ଆଗାମୀ ଦିନରେ ଆହୁରି ବିକଶିତ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମା' ସମଲେଶ୍ୱରୀଙ୍କଠାରେ..

ଅବସରରେ ସେ ସମସ୍ତଙ୍କର ଖୁସି ଓ ସମୃଦ୍ଧି କାମନା କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ନୂଆଁଖାଇ ଜୁହାର। ଆମ କୃଷକ, ଫସଲ ଏବଂ ଏକତାର ପର୍ବ ନୂଆଁଖାଇର ଅନେକ ଅନେକ ଶୁଭକାମନା। ଏହି ସ୍ୱତନ୍ତ୍ର ଅବସର ଆମ ସମାଜରେ ସଦ୍‌ଭାବନାର ବନ୍ଧନକୁ ସୁଦୃଢ଼ କରୁ ଏବଂ ଖୁସି ଓ ସମୃଦ୍ଧି ନେଇ ଆସୁ। ନୂଆଁଖାଇ ଅବସରରେ ରାଜ୍ୟବାସୀଙ୍କୁ ନୂଆଁଖାଇ ଜୁହାର ଜଣାଇଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ। ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ରାଜ୍ୟପାଳ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାର ମହାନ୍ ସଂସ୍କୃତି, ପରମ୍ପରାର ନିଶାନି ବଡଖା ତିହାର ନୂଆଁଖାଇ ଉଧେ ଓଡ଼ିଶାବାସୀଙ୍କୁ ମୋର୍ ନୂଆଁଖାଇ ଜୁହାର। ମା' କରୁଣାମୟୀ ସମସ୍ତଙ୍କୁ ଖୁସିରେ ରଖିଥାଉନ୍। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ଜୁହାର। ମା' ସମଲେଶ୍ୱରୀଙ୍କ କୃପାରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋସିଆଲ ହ୍ୟାଣ୍ଡେଲରେ ଏକ ଶୁଭେଚ୍ଛା ବାର୍ତ୍ତା ଜାରି କରି କହିଛନ୍ତି ଯେ, ପବିତ୍ର ପରବ ନୂଆଁଖାଇ ସମକର ଲାଗି ଆନିଦେଉ ସୁଖ, ଶାନ୍ତି ଆର୍ ସମୃଦ୍ଧି। ସମକୁ ମୋର୍ ନୂଆଁଖାଇ ଜୁହାର। ଜଏ ମା' ସମଲେଇ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାର୍ ମୋର ସବୁ ଭାଇ, ବହେନ୍ ମାନ୍ କେ ଓଡ଼ିଶାର ଗଣପର୍ବ ନୂଆଁଖାଇ ତିହାର୍ ଥି ମୋର ନୂଆଁଖାଇ ଜୁହାର୍। ମାଁ ପାଟଣେଶ୍ୱରୀ, ମାଁ ସମଲେଶ୍ୱରୀ, ମାଁ ଦଶମତୀ ସବକର୍ ଜୀବନ ଥି ସୁଖ ସମରୁଧି ଭରି ଦଉନ୍, ମାଁ ର୍ ପାଖେଁ ଏତ୍ କି ପ୍ରାର୍ଥନା। ଜୟ ମାଁ ପାଟଣେଶ୍ୱରୀ, ଜୟ ମାଁ ସମଲେଶ୍ୱରୀ,ଜୟ ମାଁ ଦଶମତୀ। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ନୂଆଁଖାଇ ଆଣୁ ନୂଆଁ ଆଶା ଆର ନୂଆଁ ସପନ୍। ଏ ପବିତ୍ର ପରବ୍ ସମ୍‌କର ଘରେ ଖୁସି, ମନ୍‌ନେ ଶାନ୍ତି ଆର ଜୀବନ୍‌ନେ ସମୃଦ୍ଧି ଭରିଦେଉ। ଆମର ମାଟି, ସଂସ୍କୃତି ଆର ଭାଇଚାରାର ଏ ବନ୍ଧନ୍ ସବୁବେଲେ ଅତୁଟ୍ ରହୁ। ସମ୍‌କୁ ନୂଆଁଖାଇ ଜୁହାର। ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ନୂଆଁଖାଇ ଜୁହାର୍। ନୂଆଁଖାଇ ହେଉଛି ଏକତା, ସୌହାର୍ଦ୍ଦ୍ୟ ଓ ସଦ୍ଭାବନାର ପର୍ବ। ନବାନ୍ନ ସେବନ, ବନ୍ଧୁମିଳନ ଓ ଗୁରୁଜନଙ୍କ ପ୍ରତି ସମ୍ମାନର ପର୍ବ। ଏହି ପର୍ବ ସମସ୍ତଙ୍କୁ ମିଳିମିଶି କରି ରହିବାର ମହତ ବାର୍ତ୍ତା ଦେଉଛି। ଆଜିର ଏହି ମହାନ ଅବସରରେ ମା' ସମଲେଶ୍ୱରୀଙ୍କ ପାଖରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରୁଛି।

## ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡରେ...

ସିଂ ଆବେଦନ କରିଥିଲେ। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏହି ମାମଲାରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସରକାରଙ୍କ ଦଣ୍ଡ ସମୀକ୍ଷା ବୋର୍ଡ ଦାରାଙ୍କୁ ଜେଲ୍‌ରୁ ଶୀଘ୍ର ମୁକ୍ତ କରିବାକୁ ହୋଇଥିବା ଆବେଦନ ଖାରଜ କରିଦେଇଛି। ଫଳରେ ସେ ସହଜରେ ଜେଲରୁ ମୁକୁଳି ପାରିବେ ନାହିଁ। ଅନ୍ୟପକ୍ଷରେ ଦାରା ସିଂଙ୍କ ମୁକ୍ତି ମାମଲାର ଶୁଣାଣି ଆସନ୍ତା ୧୭ ତାରିଖରେ ସୁପ୍ରିମକୋର୍ଟରେ ହେବାକୁ ରହିଛି।

## ଅକ୍ଟୋବରରେ ଓଡ଼ିଶା...

ସଂଗଠନକୁ ସୁଦୃଢ଼ କରିବା ପାଇଁ କଂଗ୍ରେସ ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟରେ ଦଳ ପକ୍ଷରୁ ଏକାଧିକ ମାରାଥନ୍ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି କ୍ରମରେ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖରୁ ନବରଙ୍ଗପୁରରୁ ଦଳୀୟ ପଦଯାତ୍ରା ଆରମ୍ଭ ହେବ। ଏହି ପଦଯାତ୍ରା ମାଧ୍ୟମରେ ସାରା ରାଜ୍ୟରେ ବ୍ଲକ୍ ଘେରାଓ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରତ୍ୟେକ କର୍ମୀଙ୍କୁ ସାମିଲ କରାଯିବ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ନିରୀକ୍ଷଣ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ନୂଆ ପିଢ଼ିଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭୁବନେଶ୍ୱରରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ଆୟୋଜନ ହେବ। ଆସନ୍ତା ଅକ୍ଟୋବର ମାସରେ ରାଜ୍ୟରେ 'ଛାତ୍ର କି ଗୁଞ୍ଜ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବିଶାଳ ଆୟୋଜନରେ ପ୍ରାୟ ୨୦ ହଜାର ଯୁବପିଢ଼ି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୃହତ୍ ଆନ୍ଦୋଳନ ଓ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ ଯୋଗଦେଇପାରନ୍ତି। ଏହାଛଡ଼ା ଜାନୁଆରୀ ଏବଂ ଫେବୃଆରୀ ମାସ ମଧ୍ୟରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ମଧ୍ୟ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଶୀର୍ଷ ନେତୃତ୍ୱ ନେବେ ବୋଲି ସେ କହିଛନ୍ତି।

## ହୁତି ଆତଙ୍କବାଦୀ ଦ୍ୱାରା...

କରିନେବା ପରେ ବିଦ୍ରୋହୀମାନେ ସେଠାରେ ମୁତୟନ ହୋଇଛନ୍ତି ବୋଲି ୨ଜଣ ସରକାରୀ ଅଧିକାରୀ ଏବଂ ଜଣେ ହୁତି ଅଧିକାରୀ ନାମ ଗୋପନ ରଖି କହିଛନ୍ତି।

## ପ୍ରଫେସର ହିମାଂଶୁ ଶେଖର...

ଫେଲୋ ଜାନୁଆରୀ ୨୦୨୭ରୁ କାର୍ଯ୍ୟକାରୀ ହେବ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଅସାଧାରଣ ତଥା ଯୁଗାନ୍ତକାରୀ ଗବେଷଣା ପାଇଁ ପ୍ରଦାନ କରାଯାଉଥିବା 'ନାସି' ଫେଲୋ ଦେଶର ସର୍ବୋଚ୍ଚ ବୈଜ୍ଞାନିକ ସମ୍ମାନଗୁଡ଼ିକ ମଧ୍ୟରୁ ଅନ୍ୟତମ। ପୂର୍ବରୁ ୧୯୯୨ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନାଦି ଚରଣ ଦାସ ନାସିର ଫେଲୋ ଭାବେ ନିର୍ବାଚିତ ହୋଇଥିଲେ। ନାଇଜର ନିଜର ୨୦ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ଅବସରରେ ଏହି ସଫଳତା ଅନୁଷ୍ଠାନ ପାଇଁ ଆଣିଦେଇଛି ଅପୂର୍ବ ଗୌରବ। ନାଇଜରରୁ ନିଜର ଶିକ୍ଷାଦାନ ଓ ଗବେଷଣା ଜୀବନ ଆରମ୍ଭ କରି ଜାତୀୟ ବିଜ୍ଞାନ ଏକାଡେମୀର ଫେଲୋ ପାଇବାରେ ପ୍ରଫେସର ବିଶ୍ୱାଳ ହେଉଛନ୍ତି ପ୍ରଥମ ଗବେଷକ।

## ଦ୍ରୁତଗତିରେ ତରଳୁଛି...

ଟାଇମ ବମ୍ ସଦୃଶ ପାଲଟିଛି। ସଷ୍ଟେନବିଲିଟି ଆଡଭାଇଜରି ଫାର୍ମ 'ସିଷ୍ଟମିକ୍' ଏବଂ ଭାରତର ଜି.ବି. ପନ୍ଥ ଜାତୀୟ ହିମାଳୟ ପରିବେଶ ପ୍ରତିଷ୍ଠାନ ସମେତ ଅନ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ, ଆଫଗାନିସ୍ତାନରୁ ମ୍ୟାନ୍‌ମାର ପର୍ଯ୍ୟନ୍ତ ବିସ୍ତୃତ ହିନ୍ଦୁକୁଶ-ହିମାଳୟ ଅଞ୍ଚଳରେ ପ୍ରାୟ ୪୦,୦୦୦ ଗ୍ଲେସିୟର ରହିଛି। କିନ୍ତୁ ଦୁର୍ଭାଗ୍ୟବଶତଃ ସେଥିମଧ୍ୟରୁ ମାତ୍ର ୨୧ଟିର ଭୂମିସ୍ତରୀୟ ନିରୀକ୍ଷଣ କରାଯାଉଛି। ଉକ୍ତ ରିପୋର୍ଟ ଅନୁସାରେ, ଭାରତର ପ୍ରାୟ ୨୦୦ଟି ଗ୍ଲେସିୟର ହ୍ରଦ ଏବେ ବିପଜ୍ଜନକ ସ୍ଥିତିରେ ଅଛି, ଯେଉଁଥିରୁ ୫୬ଟିକୁ 'ଅତ୍ୟନ୍ତ ସମ୍ବେଦନଶୀଳ' ଶ୍ରେଣୀଭୁକ୍ତ କରାଯାଇଛି। ହିମାଳୟ ଅଞ୍ଚଳ ଭାରତର ମୋଟ ଜୀବିକାର ପ୍ରାୟ ୨୦ ପ୍ରତିଶତ ଅଭିବୃଦ୍ଧି (ଜିଡିପି)କୁ ନିୟନ୍ତ୍ରଣ କରିଥାଏ ଏବଂ ଏହା ଉପରେ ଦେଶର ବହୁ କୋଟି ଲୋକ ନିର୍ଭର କରନ୍ତି। ଭାରତର ମୋଟ ଭୂଭାଗର ମାତ୍ର ୧୮% ହିମାଳୟ ଅଞ୍ଚଳ ହୋଇଥିଲେ ସୁଦ୍ଧା ଦେଶର ପ୍ରାୟ ୩୫% ପ୍ରାକୃତିକ ବିପର୍ଯ୍ୟୟ କେବଳ ଏହି ଅଞ୍ଚଳରେ ହିଁ ଘଟିଥାଏ, ଯାହା ଭବିଷ୍ୟତ ପାଇଁ ଏକ ବଡ଼ ଚେତାବନୀ।

# ଚାକିରି ଆଶା ଦେଇ ୩୫ଲକ୍ଷ ଠକେଇ: ଠକ ଗିରଫ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନିଜକୁ ଘରୋଇ ଡାକ୍ତରଖାନାର ଫାଇନାନ୍ସ ମୁଖ୍ୟ ବୋଲି ପରିଚୟ ଦେଲା। ଖାଲି ପରିଚୟ ଦେଲା ନାହିଁ, ବରଂ ଆକାଉଣ୍ଟାଣ୍ଟ ଚାକିରି କରିଦେବ ବୋଲି ଆଶା ମଧ୍ୟ ଦେଲା । ଆରମ୍ଭରୁ କିଛି ଟଙ୍କା ଧାର୍ ନେଇ ଫେରାଇ ଦେଇଥିଲା । ହେଲେ ପରେ ୩୫ ଲକ୍ଷ ଟଙ୍କା ଠକି ନେଇଗଲା। ଏଭଳି ଢଙ୍ଗରେ ଠକେଇ କରିଥିବା ଧୂର୍ତ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଗଞ୍ଜାମ ଜିଲ୍ଲା ଧରାକୋଟ୍ ଥାନା ସୁନ୍ଦରପଲ୍ଲୀର ଲିଟୁ ଓରଫ ସୂର୍ଯ୍ୟନାରାୟଣ ପାଢୀ(୩୭) । ପୁଲିସ ସୂଚନାନୁସାରେ ରଞ୍ଜନ କୁମାର ଖୁଣ୍ଟିଆ ପୂର୍ବରୁ ଏକ ପେଟ୍ରୋଲ ପମ୍ପରେ ମ୍ୟାନେଜର ଭାବେ କାମ କରୁଥିବା ବେଳେ ଲିଟୁ ସହ ତାଙ୍କର ପରିଚୟ ହୋଇଥିଲା । ଲିଟୁ ନିଜକୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାର ଫାଇନାନ୍ସିଆଲହେଡ୍ ବୋଲି ମିଥ୍ୟା ପରିଚୟ ଦେଇଥିଲା । ଏହା ସହିତ ମାସକୁ ୬୦ହଜାର ଟଙ୍କା ଦରମାରେ ଜୁନିୟର ଆକାଉଣ୍ଟାଣ୍ଟ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲା । ବିଶ୍ୱାସ ଜନ୍ମାଇବା ପାଇଁ ଲିଟୁ ପ୍ରଥମେ ରଞ୍ଜନଙ୍କଠାରୁ କିଛି ଟଙ୍କା ଧାର ନେଇ ଠିକ୍ ସମୟରେ ଫେରାଇ ଦେଇଥିଲା । ଏହାସହ ବାରମ୍ବାର ବିଭିନ୍ନ ହସ୍ପିଟାଲ ଓ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲାଇ ନେଇଥିଲା। ରଞ୍ଜନ ଚାକିରି ଆଶାରେ ବିଭିନ୍ନ ସ୍ଥାନରୁ ଧାରକରଜ ଲିଟୁ ଓ ତାର ପରିବାର ଲୋକଙ୍କ ବ୍ୟାଙ୍କ ଖାତାକୁ ମୋଟ ୩୪ ଲକ୍ଷ୬୧ ହଜାର ୩୭୦ଟଙ୍କା ପଠାଇଥିଲେ । ଦୀର୍ଘଦିନ ଧରି ଚାକିରୀ ନମିଳିବାରୁ ରଞ୍ଜନ ଟଙ୍କା ଫେରସ୍ତ ମାଗିଥିଲେ । ଲିଟୁ କିସ୍ତି ଆକାରରେ କେବଳ ୪ଲକ୍ଷ ୫୦ହଜାର ଟଙ୍କା ଫେରାଇଥିବା ବେଳେ ବାକି ଟଙ୍କା ଆତ୍ମସାତ କରିଥିଲା । ଏନେଇ ରଞ୍ଜନ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା । ଗତକାଲି ରାତିରେ ନାଲକୋ ଛକରୁ ଲିଟୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ୨ ଭାରତୀୟ କମ୍ପାନୀ ଉପରେ ଆମେରିକାର ପ୍ରତିବନ୍ଧକ

ନୂଆଦିଲ୍ଲୀ :

ଭିସା ଜାଲିଆତି ସମ୍ପର୍କିତ ତଦନ୍ତ ମଧ୍ୟରେ ଆମେରିକା ସରକାର କଗ୍ନିଜାଣ୍ଟ ଓ କ୍ଲାଉଡେରାର ଗ୍ରୀନ୍ କାର୍ଡ ଆବେଦନ ଉପରେ ଲଗାଇଛନ୍ତି ପ୍ରତିବନ୍ଧକ । ଏହି ପଦକ୍ଷେପ ଆମେରିକାରେ ବିଦେଶୀ କର୍ମଚାରୀଙ୍କ ପାଇଁ ସ୍ଥାୟୀ ବାସସ୍ଥାନ ଅନୁମତି ହାସଲ କରିବାର ଏକ ପ୍ରମୁଖ ପଥକୁ ପ୍ରଭାବିତ କରିଛି । ଭାରତୀୟ ଆଇଟି କମ୍ପାନୀଗୁଡିକ ନିଜ କର୍ମଚାରୀଙ୍କୁ ଦୀର୍ଘମିଆଦଭାବେ ଆମେରିକାରେ ରଖିବା ପାଇଁ ନିଯୁକ୍ତିଦାତା ପ୍ରାୟୋଜିତ ଗ୍ରୀନ କାର୍ଡ ପ୍ରକ୍ରିୟାର ବ୍ୟବହାର କରିଥାନ୍ତି । ତେଣୁ ଏହି ପ୍ରତିବନ୍ଧକ ଭାରତୀୟ ଆଇଟି ପେସାଦାରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି । ଭିସା ପ୍ରକ୍ରିୟାରେ ଅନିୟମିତତା କିମ୍ବା ଜାଲିଆତି ସମ୍ପର୍କିତ ତଦନ୍ତ ପରିପ୍ରେକ୍ଷୀରେ ଆମେରିକୀୟ କର୍ତ୍ତୃପକ୍ଷ ଏହି ପଦକ୍ଷେପ ନେଇଥିବା କୁହାଯାଉଛି । ଗ୍ରୀନ କାର୍ଡ ହେଉଛି ଆମେରିକାରେ ସ୍ଥାୟୀ ଭାବେ ବସବାସ ଓ କାମ କରିବାର ଅନୁମତି । ଆଇଟି, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଉଚ୍ଚକୌଶଳ କ୍ଷେତ୍ରରେ କାର୍ଯ୍ୟରତ ବିଦେଶୀ କର୍ମଚାରୀଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଇମିଗ୍ରେସନ୍ ପଥ । ଆମେରିକାରେ ଭାରତୀୟ ଆଇଟି ପେସାଦାରଙ୍କ ସଂଖ୍ୟା ବହୁତ ଅଧିକ ଥିବାରୁ ଗ୍ରୀନ୍ କାର୍ଡ ପ୍ରକ୍ରିଆରେ ଯେକୌଣସି ପ୍ରଶାସନିକ ପରିବର୍ତ୍ତନର ପ୍ରଭାବ ପଡିବା ଆଶଙ୍କା ରହିଛି । ଆବେଦନ ଦାଖଲରେ ବିଳମ୍ବ ହେଲେ କର୍ମଚାରୀଙ୍କ ସ୍ଥାୟୀ ବାସସ୍ଥାନ ପ୍ରକ୍ରିୟା ପଛକୁ ଘୁଞ୍ଚିପାରେ। ତେବେ ଏହି ପ୍ରତିବନ୍ଧକ କେତେଦିନ ରହିବ ତାହା ସ୍ପଷ୍ଟ ହୋଇନାହିଁ

# ସୌଭାଗ୍ୟନଗର ଫେଜ୍-୨ରେ ଧୁମଧାମରେ ଶ୍ରୀଗଣେଶ ପୂଜା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସୌଭାଗ୍ୟନଗର ଫେଜ୍-୨ ଲେଡିଜ୍ ହାଉସିଂ ସୋସାଇଟି ପକ୍ଷରୁ ଶ୍ରୀଗଣେଶ ପୂଜା ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସୋସାଇଟିର ବାସିନ୍ଦା ଓ ପରିବାରବର୍ଗଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପୂଜା କାର୍ଯ୍ୟକ୍ରମ ସୋସାଇଟିର ସଭାପତି ସ୍ମିତା ପାଣିଗ୍ରାହୀ, ସମ୍ପାଦିକା ଯଶୋସ୍ୱିନୀ ମହାପାତ୍ର ଓ କୋଷାଧ୍ୟକ୍ଷା ଭାରତୀ ନାୟକଙ୍କ ନେତୃତ୍ୱରେ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ମୁଖ୍ୟ ସଂଗଠକ ଓ ପରାମର୍ଶଦାତା ଭାବେ ସମୀର ରଞ୍ଜନ ମାନ୍ଧାତା ଓ ମୃତ୍ୟୁଞ୍ଜୟ ତ୍ରିପାଠୀ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଶରତ କୁମାର ରାଉତରାୟ, ଡ. କଲ୍ୟାଣ ପ୍ରସାଦ ଦାସ, ଯୋଗେନ୍ଦ୍ର ନାୟକ, ମନୋଜ ପରିଡ଼ା, ଅଭୟନାଥ ଜେନା, ଡମ୍ବରୁଧର ପଣ୍ଡା, ବିରଞ୍ଚି ନାରାୟଣ ଦାସ, ମିନାକ୍ଷୀ ପରିଡ଼ା, ଦେବେନ, ଲିଜିଲ୍ ଓ ମାମି ଖାନ୍ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ପୂଜା ଉତ୍ସବ ସୋସାଇଟିରେ ଭକ୍ତି, ଉତ୍ସାହ ଓ ସାମାଜିକ ସଦ୍‌ଭାବର ପରିବେଶ ସୃଷ୍ଟି କରିଥିଲା।



